ନିର୍ଭୀକ ଆମ

PRGI. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

• Vol -1 • Issue - 15 • July 16 - 31, 2026 • Bhubaneswar • Rs. 5 • Pages - 08 • Fortnightly

• ଭାଗ-୧ • ସଂଖ୍ୟା-୧୫ • ଜୁଲାଇ ୧୬- ୩୧, ୨୦୨୬ • ଭୁବନେଶ୍ୱର • ମୂଲ୍ୟ ୫.୦୦ ଟଙ୍କା • ପୃଷ୍ଠା ସଂଖ୍ୟା -୦୮ • ପାକ୍ଷିକ


## NCUI ନିର୍ବାଚନରେ ଚାଞ୍ଚଲ୍ୟକର ଘଟଣା

# ରିଟର୍ଣ୍ଣିଂ ଅଫିସରଙ୍କ ମନୋମୁଖୀ କାର୍ଯ୍ୟ

## ଥାନାରେ ଲିଖିତ ଅଭିଯୋଗ, ସିବିଆଇ ତଦନ୍ତ ଦାବି

- ପ୍ରମାଣ ନ ଥାଇ ରିଟର୍ଣ୍ଣିଂ ଅଫିସରଙ୍କ ଦାଖଲ କରିଥିବା ଆପତ୍ତିକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର କଲେ କେମିତି ?
- ରିଟର୍ଣ୍ଣିଂ ଅଫିସରଙ୍କ ଆଦେଶରେ ରଞ୍ଜନ କୁମାର ଦାସଙ୍କ ଆପତ୍ତି ପ୍ରତ୍ୟାହାର ଉଲ୍ଲେଖ, ଜାଲିଆତି ଅଭିଯୋଗ ନେଇ ପୋଲିସରେ ଏତଲା
- ଏ ସମ୍ପର୍କରେ କୌଣସି ପତ୍ର, ଆବେଦନ, ଇ-ମେଲ୍ କିମ୍ବା ହଲଫନାମା ଦାଖଲ କରିନଥିବା ଅଭିଯୋଗ: ରଞ୍ଜନ କୁମାର ଦାସ
- ରିଟର୍ଣ୍ଣିଂ ଅଫିସର ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଦାଖଲ ପ୍ରତିନିଧିତ୍ୱକୁ ମଧ୍ୟ "Not Maintainable" ଦର୍ଶାଇ ଖାରଜ କଲେ କେମିତି ?
- ଦୋଷୀଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି, ସିବିଆଇ ତଦନ୍ତ ପାଇଁ ଗୃହ ସମବାୟ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ



"ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଗତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି । ଏପରି ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ବରଂ ସମଗ୍ର ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି ।"

**ଶ୍ରୀ ରଞ୍ଜନ କୁମାର ଦାସ**

ଓଡ଼ିଶା ରାଜ୍ୟ ସମବାୟ ୟୁନିଅନର ବରିଷ୍ଠ ପରିଚାଳନା କମିଟି ସଦସ୍ୟ

ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): **NCUI (National Cooperative Union of India)** ଗଭର୍ଣ୍ଣିଂ କାଉନସିଲ ନିର୍ବାଚନକୁ ନେଇ ଏକ ନୂତନ ବିବାଦ ସୃଷ୍ଟି ହୋଇଛି। ରିଟର୍ଣ୍ଣିଂ ଅଫିସରଙ୍କ ପକ୍ଷରୁ ଜାରି ହୋଇଥିବା ଏକ ଆଦେଶରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନର ବରିଷ୍ଠ ପରିଚାଳନା କମିଟି ସଦସ୍ୟ ଶ୍ରୀ ରଞ୍ଜନ କୁମାର ଦାସ ପୂର୍ବରୁ ଦାଖଲ କରିଥିବା ଆପତ୍ତିକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର **(Withdrawal)** କରିଥିଲେ। ଏହି ଆଧାରରେ ରିଟର୍ଣ୍ଣିଂ ଅଫିସର ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଦାଖଲ ପ୍ରତିନିଧିତ୍ୱକୁମଧ୍ୟ **"NotMaintainable"** ଦର୍ଶାଇ ଖାରଜ କରିଥିବା ଉଲ୍ଲେଖ କରିଛନ୍ତି।

ତେବେ ଶ୍ରୀ ରଞ୍ଜନ କୁମାର ଦାସ ଏହି ଉଲ୍ଲେଖକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେ କୌଣସି ସମୟରେ ନିଜ ଆପତ୍ତି ପ୍ରତ୍ୟାହାର କରିନାହାନ୍ତି ଏବଂ ଏ ସମ୍ପର୍କରେ କୌଣସି ପତ୍ର, ଆବେଦନ, ଇ-ମେଲ୍ କିମ୍ବା ହଲଫନାମା ଦାଖଲ କରିନାହାନ୍ତି। ତେଣୁ ରିଟର୍ଣ୍ଣିଂ ଅଫିସରଙ୍କ ଆଦେଶରେ ତାଙ୍କ ନାମରେ ଆପତ୍ତି ପ୍ରତ୍ୟାହାର ଉଲ୍ଲେଖ ହେବା ଅତ୍ୟନ୍ତ ଗୁରୁତର ଓ ସନ୍ଦେହଜନକ ବୋଲି ସେ କହିଛନ୍ତି।

ଶ୍ରୀ ଦାସଙ୍କ ଅଭିଯୋଗ ଅନୁସାରେ, ଯଦି ତାଙ୍କ ନାମରେ କୌଣସି ପ୍ରତ୍ୟାହାର ପତ୍ର ଦାଖଲ ହୋଇଥାଏ, ତେବେ ତାହା ଜାଲିଆତି, ଛଦ୍ମବେଶରେ ପରିଚୟର ଦୁରୁପଯୋଗ, ଜାଲ ଦସ୍ତାବେଜ ପ୍ରସ୍ତୁତି ଏବଂ ବିଶ୍ୱାସଭଙ୍ଗ ପରି ଗୁରୁତର ଅପରାଧର ସାମିଲ ହୋଇପାରେ। ଏପରି ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ବରଂ ସମଗ୍ର ନିର୍ବାଚନ ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି।

ଏହି ପ୍ରସଙ୍ଗରେ ଶ୍ରୀ ରଞ୍ଜନ କୁମାର ଦାସ ଆଜି ଭୁବନେଶ୍ୱରସ୍ଥିତ ବଡ଼ଗଡ଼ ଥାନାରେ ଏକ ବିସ୍ତୃତ ଲିଖିତ ଏତଲା ଦାଖଲ କରିଛନ୍ତି। ସେ ଅଭିଯୋଗରେ କଥିତ ପ୍ରତ୍ୟାହାର ପତ୍ରର ମୂଳ କପି ଜବତ କରିବା, ସେଥିରେ ଥିବା ଦସ୍ତଖତ ଓ ଅନ୍ୟାନ୍ୟ ବିବରଣୀର ଫରେନସିକ୍ ଯାଞ୍ଚ କରିବା, ଡିଜିଟାଲ୍ କିମ୍ବା ସାଇବର ମାଧ୍ୟମରେ କୌଣସି ଜାଲିଆତି ହୋଇଥିଲେ ତାହାର ତଦନ୍ତ କରିବା ଏବଂ ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଗତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଯଦି ତଦନ୍ତରେ ଜାଲ ଦସ୍ତାବେଜ ପ୍ରସ୍ତୁତି, ସ୍ୱାକ୍ଷର ଜାଲିଆତି, ପରିଚୟର ଦୁରୁପଯୋଗ କିମ୍ବା ସାଇବର ମାଧ୍ୟମରେ କୌଣସି ଅପରାଧ ଘଟିଥିବା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଆଇନର ସର୍ବାଧିକ କଠୋର ବ୍ୟବସ୍ଥା ଗ୍ରହଣ କରାଯିବା ଉଚିତ।

ଏହି ଘଟଣା **NCUI** ଗଭର୍ଣ୍ଣିଂ କାଉନସିଲ ନିର୍ବାଚନର ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ଶ୍ରୀ ଦାସ ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଏବଂ ଆଇନ ପ୍ରୟୋଗକାରୀ ସଂସ୍ଥାଙ୍କୁ ଏହି ଘଟଣାର ନିରପେକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ତଦନ୍ତ କରି ପ୍ରକୃତ ସତ୍ୟ ପଦାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।



OFFICE OF THE RETURNING OFFICER
Election to the Governing Council
National Cooperative Union of India (NCUI)
New Delhi

ORDER

**Whereas**, Smt. Prabasini Sarangi, President, Odisha State Cooperative Union, Bhubaneswar, submitted a representation dated **04.07.2026** before the Cooperative Election Authority/Returning Officer objecting to the inclusion of Bihar Cooperative Federation Ltd. in Zone No. 05 of the electoral roll for the election to the Governing Council of the National Cooperative Union of India (NCUI), along with various annexures in support of her contentions;

**And Whereas**, the applicant has, inter alia, contended that Bihar Cooperative Federation Ltd., being a Multi-State Cooperative Society registered under Section 103 of the Multi-State Cooperative Societies Act, 2002, has been wrongly included in Zone No. 05 and has also relied upon an earlier objection submitted by Shri Ranjan Kumar Das besides enclosing copies of statutory provisions and other supporting documents;

**And Whereas**, the representation, annexures enclosed therewith, the election records, the provisions of the Multi-State Cooperative Societies Act, 2002, the Rules framed thereunder, the Bye-laws of NCUI and the notified Election Programme have been carefully examined;

**And Whereas**, it is observed that the grievances raised in the present representation exclusively relate to the preparation, publication and finalization of the electoral roll, particularly the inclusion of Bihar Cooperative Federation Ltd. in Zone No. 05;

**And Whereas**, the Election Programme had specifically prescribed a separate stage for publication of the provisional list of Members/Delegates eligible to vote, inviting objections thereon, consideration and disposal of such objections, followed by publication of the final electoral roll, and the said stages have already been completed strictly in accordance with the notified Election Programme;

**And Whereas**, the final list of Members/Delegates eligible to vote has already been published and has attained finality, and thereafter the election process has progressed to the nomination stage. Consequently, the statutory timeline prescribed for filing objections against the electoral roll has long since expired and no provision under the Multi-State Cooperative Societies Act, 2002, the Rules framed thereunder or the Bye-laws of NCUI empowers the Returning Officer to entertain fresh objections or reopen the finalized electoral roll after the expiry of the prescribed timeline;

**And Whereas**, the present representation dated **04.07.2026** has been submitted after completion of the entire process relating to publication and finalization of the electoral roll and is, therefore, clearly beyond the stage contemplated under the Election Programme for entertaining such objections;

**And Whereas**, a substantial part of the applicant's representation is founded upon the earlier objection purportedly submitted by Shri Ranjan Kumar Das. However, the records reveal that the said objection has subsequently been withdrawn by the objector himself. Once an objection is voluntarily withdrawn, it ceases to survive in the eyes of law and cannot thereafter be revived or relied upon by any other person for seeking adjudication of the same issues. Consequently, no legal sanctity can be attached to the said withdrawn objection;

Despatch No. RO/NCUI/2026/07
Dated: 07.07.2026



**And Whereas**, the annexures enclosed with the representation, including extracts of statutory provisions, copies of registration particulars and other documents, do not disclose any fresh fact, subsequent event or statutory violation which would confer any jurisdiction upon the Returning Officer to revisit matters that have already attained finality under the Election Programme. The documents merely reiterate issues which could have been agitated only within the prescribed period for filing objections to the provisional electoral roll;

**And Whereas**, the challenge to the Supplementary Electoral Roll and the consequential prayers contained in the representation dated **07.07.2026** are also intrinsically connected with the preparation and publication of the electoral roll. The Election Programme having already progressed beyond the stage prescribed for filing and deciding objections relating to the electoral roll, no statutory provision authorises the Returning Officer to reopen, review or modify the finalized electoral roll or entertain fresh objections after expiry of the prescribed timeline;

**And Whereas**, entertaining such representations after completion of the statutory stages prescribed under the Election Programme would not only be contrary to the provisions governing the election but would also seriously prejudice the certainty, continuity and timely completion of the electoral process.

**And Whereas**, the Returning Officer is a statutory authority whose powers are confined strictly to the provisions of the Multi-State Cooperative Societies Act, 2002, the Rules framed thereunder, the Bye-laws of NCUI and the notified Election Programme. In the absence of any statutory provision enabling review or modification of the finalized electoral roll after expiry of the prescribed timeline, the Returning Officer lacks jurisdiction to grant the relief sought in the present representation;

**Now, therefore, I, Returning Officer**, Election to the Governing Council of the National Cooperative Union of India (NCUI), after careful consideration of the representation dated **04.07.2026 & 07.07.2026**, the annexures enclosed therewith, the relevant statutory provisions and the election records, hereby hold that-

1. The present representation is **not maintainable**, having been filed after expiry of the prescribed stage for inviting and deciding objections relating to the final list of Members/Delegates eligible to vote;
2. The final list of Members/Delegates eligible to vote has already attained finality in accordance with the notified Election Programme and cannot be reopened or modified at this stage of the election process;
3. At this stage of nomination, the representation does not raise any objection on nomination as per law;
4. The reliance placed upon the earlier objection submitted by Shri Ranjan Kumar Das is *wholly misconceived, as the said objection has already been withdrawn and consequently has no legal existence or evidentiary value for consideration in the present proceedings;*
5. *The annexures accompanying the representation do not disclose any fresh cause of action or statutory basis warranting interference by the Returning Officer;*
6. *The Returning Officer has no jurisdiction under the Multi-State Cooperative Societies Act, 2002, the Rules framed thereunder, the Bye-laws of NCUI or the Election Programme to reopen or review the finalized electoral roll after expiry of the prescribed timeline.*

***Accordingly, the representation dated 04.07.2026 submitted by Smt. Prabasini Sarangi, together with all annexures enclosed therewith, as well as the subsequent representation***



**dated 07.07.2026 submitted before the Hon'ble Cooperative Election Authority, are hereby rejected, being not maintainable, barred by the stage of the Election Programme, devoid of any fresh cause of action, and beyond the jurisdiction of the Returning Officer.**

The election process shall continue strictly in accordance with the notified Election Programme, the provisions of the Multi-State Cooperative Societies Act, 2002, the Rules framed thereunder and the Bye-laws of the National Cooperative Union of India.

**Ordered accordingly.**

07.7.26

**(Returning Officer)**
Election to the Governing Council
**National Cooperative Union of India (NCUI)**

/Office of the Returning Officer
/National Cooperative Union of India
/District Magistrate (South Delhi)
/Room No. 1
/M.B. Road Saket
/New Delhi - 110068





# ଜଗନ୍ନାଥ ସଂସ୍କୃତିର ଐଶ୍ୱର୍ଯ୍ୟ, ଭକ୍ତି ଓ ପରମ୍ପରା

ଓଡ଼ିଶାର ଧାର୍ମିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାର କେନ୍ଦ୍ରବିନ୍ଦୁ ହେଉଛି ଶ୍ରୀକ୍ଷେତ୍ର ପୁରୀର ଶ୍ରୀଜଗନ୍ନାଥ ମନ୍ଦିର। ବର୍ଷସାରା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କର ବିଭିନ୍ନ ନୀତି ଓ ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ସ୍ନାନଯାତ୍ରା, ନବଯୌବନ ବେଶ, ଶ୍ରୀଗୁଣ୍ଡିଚା ଯାତ୍ରା, ହେରାପଞ୍ଚମୀ, ବାହୁଡାଯାତ୍ରା, ସୁନାବେଶ, ଅଧରପଣା, ନୀଳାଦ୍ରି ବିଜେ ଏକ ଅତ୍ୟନ୍ତ ପ୍ରାଚୀନ, ପବିତ୍ର ଓ ଲୋକପ୍ରିୟ ଉତ୍ସବ। ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ଏହି ପର୍ବକୁ ଶ୍ରୀଜଗନ୍ନାଥଙ୍କର ପ୍ରକାଟ୍ୟ ଦିବସ ବୋଲି ମଧ୍ୟ ମାନ୍ୟତା ରହିଛି। ଏହି ଦିନ ପ୍ରଭୁମାନଙ୍କୁ ସ୍ନାନବେଦୀକୁ ଆଣି ୧୦୮ କଳସ ପବିତ୍ର ଜଳରେ ମହାସ୍ନାନ କରାଯାଏ। ଏହି ମହାସ୍ନାନ ପରେ ପ୍ରଭୁମାନେ ଅନବସରକୁ ଯାଆନ୍ତି ଏବଂ ଏହାପରେ ରଥଯାତ୍ରାର ପ୍ରସ୍ତୁତି ଆରମ୍ଭ ହୁଏ।

## ସ୍ନାନଯାତ୍ରା

ସ୍ନାନଯାତ୍ରାର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ ଓ ଅନ୍ୟାନ୍ୟ ବୈଷ୍ଣବ ଗ୍ରନ୍ଥରେ ଏହି ଉତ୍ସବର ଉଲ୍ଲେଖ ମିଳେ। ଲୋକବିଶ୍ୱାସ ଅନୁସାରେ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ହୋଇଥିଲା। ସେହି ସ୍ମୃତିରେ ପ୍ରତିବର୍ଷ ମହାସ୍ନାନ ଉତ୍ସବ ପାଳନ କରାଯାଏ। ଏହି ପରମ୍ପରା କେବଳ ଧାର୍ମିକ ଆଚାର ନୁହେଁ; ଏହା ମଣିଷ ଓ ପ୍ରକୃତିର ସମନ୍ୱୟ, ପବିତ୍ରତା ଓ ନବଜୀବନର ପ୍ରତୀକ। ସ୍ନାନଯାତ୍ରା କେବେ ପାଳନ କରାଯାଏ  ପ୍ରତିବର୍ଷ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିରେ ସ୍ନାନଯାତ୍ରା ପାଳନ କରାଯାଏ। ଏହା ରଥଯାତ୍ରାର ପ୍ରାୟ ପନ୍ଦର ଦିନ ପୂର୍ବରୁ ଅନୁଷ୍ଠିତ ହୁଏ।

## ବାହୁଡାଯାତ୍ରା

ଓଡ଼ିଶାର ଧାର୍ମିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଶ୍ରୀଜଗନ୍ନାଥ ସଂସ୍କୃତିର ସ୍ଥାନ ଅତୁଳନୀୟ। ଶ୍ରୀକ୍ଷେତ୍ର ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ଭକ୍ତି, ସମତା, ସେବା ଓ ମାନବତାର ଏକ ମହାନ ପ୍ରତୀକ। ଗୁଣ୍ଡିଚା ମନ୍ଦିରରେ ସାତ ଦିନ ବିରାଜମାନ ରହିବା ପରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପୁନର୍ବାର ଶ୍ରୀମନ୍ଦିରକୁ ଫେରିବା ପାଇଁ ରଥାରୂଢ଼ ହୁଅନ୍ତି। ଏହି ପବିତ୍ର ପ୍ରତ୍ୟାବର୍ତ୍ତନକୁ ବାହୁଡ଼ା ଯାତ୍ରା କୁହାଯାଏ। ବାହୁଡ଼ା ଯାତ୍ରାର ଅର୍ଥ 'ବାହୁଡ଼ା' ଶବ୍ଦର ଅର୍ଥ ହେଉଛି ଫେରିବା କିମ୍ବା ପ୍ରତ୍ୟାବର୍ତ୍ତନ।

## ନବଯୌବନ ବେଶ

ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଆରାଧ୍ୟ ଦେବତା ଏବଂ ସମଗ୍ର ବିଶ୍ୱର ବୈଷ୍ଣବ ଭକ୍ତମାନଙ୍କର ପୂଜ୍ୟ ପ୍ରଭୁ। ପୁରୀର ଶ୍ରୀମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ଭାରତୀୟ ସଂସ୍କୃତି, ଭକ୍ତି, ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ଏକ ମହାନ ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ମଧ୍ୟରେ ଅନେକ ବିଶେଷ ପର୍ବ ରହିଛି, ସେଥିମଧ୍ୟରୁ ନବଯୌବନ ଦର୍ଶନ ଅତ୍ୟନ୍ତ ପବିତ୍ର, ରହସ୍ୟମୟ ଓ ଆକର୍ଷଣୀୟ। ଏହା କେବଳ ଏକ ଦର୍ଶନ ନୁହେଁ, ବରଂ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରେମ, ଆଶା, ଅପେକ୍ଷା ଏବଂ ମିଳନର ଏକ ଅନନ୍ୟ ଆଧ୍ୟାତ୍ମିକ ଅନୁଭୂତି।

## ସୁନାବେଶ

ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ମୂଳ ଆଧାର ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି। ପୁରୀ ଶ୍ରୀକ୍ଷେତ୍ରରେ ବର୍ଷସାରା ବିଭିନ୍ନ ବେଶ, ନୀତି ଓ ଉତ୍ସବ ପାଳିତ ହୋଇଥାଏ। ସେଥିମଧ୍ୟରୁ ସୁନାବେଶ ବା ରାଜବେଶ ସବୁଠାରୁ ଅଧିକ ଆକର୍ଷଣୀୟ, ମହିମାମୟ ଓ ଭକ୍ତମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ଉତ୍ସବ। ଏହି ଦିବ୍ୟ ବେଶକୁ ସୁନାବେଶ କୁହାଯାଏ। ସୁନାବେଶର ଅର୍ଥ  'ସୁନାବେଶ'ର ଅର୍ଥ ହେଉଛି ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ବେଶ। ଏହି ଦିନ ପ୍ରଭୁମାନେ ସୁନାର ମୁକୁଟ, ହାତ, ପାଦ, ଚକ୍ର, ଗଦା, ଶଙ୍ଖ, ପଦ୍ମ ଓ ବିଭିନ୍ନ ଅଳଙ୍କାର ଧାରଣ କରନ୍ତି। ଐଶ୍ୱର୍ଯ୍ୟ, ଦିବ୍ୟତା ଓ ବିଶ୍ୱନିୟନ୍ତା ସ୍ୱରୂପର ପ୍ରକାଶ ଘଟେ।

## ଶ୍ରୀଗୁଣ୍ଡିଚା ଯାତ୍ରା

ଓଡ଼ିଶାର ଆଧ୍ୟାତ୍ମିକ, ସାଂସ୍କୃତିକ ଓ ଐତିହାସିକ ପରିଚୟର କେନ୍ଦ୍ରବିନ୍ଦୁ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏଠାରେ ବିରାଜମାନ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବାର୍ଷିକ ରଥଯାତ୍ରା ସମଗ୍ର ବିଶ୍ୱରେ ପ୍ରସିଦ୍ଧ। ଯାହାକୁ ସାଧାରଣତଃ ରଥଯାତ୍ରା ବୋଲି ମଧ୍ୟ କୁହାଯାଏ। ଗୁଣ୍ଡିଚା ଯାତ୍ରାର ଅର୍ଥ  'ଗୁଣ୍ଡିଚା ଯାତ୍ରା' ଅର୍ଥ ହେଉଛି ଗୁଣ୍ଡିଚା ମନ୍ଦିରକୁ ପ୍ରଭୁମାନଙ୍କ ଯାତ୍ରା। ଗୁଣ୍ଡିଚା ମନ୍ଦିରକୁ ଜଗନ୍ନାଥଙ୍କ ମାଉସୀଘର କିମ୍ବା ଜନ୍ମବେଦୀ ବୋଲି ମଧ୍ୟ କୁହାଯାଏ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପ୍ରଭୁମାନେ ତିନିଟି ସ୍ୱତନ୍ତ୍ର ରଥରେ ଆରୋହଣ କରି ବଡ଼ଦାଣ୍ଡ ଦେଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି।

## ଅଧରପଣା

ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରା କେବଳ ବିଶ୍ୱପ୍ରସିଦ୍ଧ ଧାର୍ମିକ ଉତ୍ସବ ନୁହେଁ, ବରଂ ଏହା ଜଗନ୍ନାଥ ସଂସ୍କୃତିର ଜୀବନ୍ତ ପରମ୍ପରା। ରଥଯାତ୍ରାର ପ୍ରତ୍ୟେକ ନୀତିର ନିଜସ୍ୱ ଆଧ୍ୟାତ୍ମିକ ଓ ଦାର୍ଶନିକ ମହତ୍ତ୍ୱ ରହିଛି। ବାହୁଡ଼ା ଯାତ୍ରା ପରେ ସିଂହଦ୍ୱାର ସମ୍ମୁଖରେ ରଥ ଉପରେ ଅନୁଷ୍ଠିତ ଅଧରପଣା ନୀତି ସେହି ସବୁ ନୀତି ମଧ୍ୟରୁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଓ ରହସ୍ୟମୟ ପରମ୍ପରା। ଏହି ନୀତିରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ବିଶାଳ ମାଟିପାତ୍ରରେ ପ୍ରସ୍ତୁତ ସ୍ୱତନ୍ତ୍ର ପାନୀୟ ଭୋଗ ଅର୍ପଣ କରାଯାଏ । ଏହି ଅନନ୍ୟ ପରମ୍ପରା ଜଗନ୍ନାଥ ସଂସ୍କୃତିର ସର୍ବଜନୀନ କରୁଣା ଓ ସମଦୃଷ୍ଟିର ଏକ ଉଜ୍ଜ୍ୱଳ ନିଦର୍ଶନ।

## ହେରାପଞ୍ଚମୀ

ଶ୍ରୀକ୍ଷେତ୍ର ପୁରୀ କେବଳ ଏକ ତୀର୍ଥକ୍ଷେତ୍ର ନୁହେଁ, ଏହା ଭାରତୀୟ ସଂସ୍କୃତି, ବୈଷ୍ଣବ ପରମ୍ପରା ଓ ଜଗନ୍ନାଥ ଚେତନାର ଏକ ମହାନ ପୀଠ। ସେଗୁଡ଼ିକ ମଧ୍ୟରେ ରଥଯାତ୍ରା ସର୍ବଶ୍ରେଷ୍ଠ ହୋଇଥିବା ବେଳେ ରଥଯାତ୍ରା ସହ ଜଡ଼ିତ ହେରାପଞ୍ଚମୀ ନୀତି ଏକ ସ୍ୱତନ୍ତ୍ର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ବହନ କରେ। ଏହି ନୀତିରେ ମା' ଲକ୍ଷ୍ମୀଙ୍କ ଅଭିମାନ, ପ୍ରଭୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ସ୍ନେହ ଏବଂ ଦାମ୍ପତ୍ୟ ସମ୍ପର୍କର ମଧୁର ଭାବକୁ ଲୀଳା ମାଧ୍ୟମରେ ପ୍ରକାଶ କରାଯାଏ। ଧାର୍ମିକ ଗାମ୍ଭୀର୍ଯ୍ୟ ସହ ଏଥିରେ ମାନବୀୟ ଭାବନାର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ।

## ନୀଳାଦ୍ରି ବିଜେ

ଶ୍ରୀକ୍ଷେତ୍ର ପୁରୀର ରଥଯାତ୍ରା ବିଶ୍ୱର ଅନ୍ୟତମ ପ୍ରାଚୀନ ଏବଂ ସର୍ବବୃହତ୍ ଧାର୍ମିକ ଉତ୍ସବ। ଏହି ମହାପର୍ବ କେବଳ ରଥ ଟାଣିବାରେ ସମାପ୍ତ ହୁଏ ନାହିଁ; ବରଂ ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଆଦି ବିଭିନ୍ନ ନୀତି ପରେ ନୀଳାଦ୍ରି ବିଜେ ମାଧ୍ୟମରେ ଏହାର ପୂର୍ଣ୍ଣ ସମାପନ ହୁଏ। ନୀଳାଦ୍ରି ବିଜେ ହେଉଛି ସେହି ପବିତ୍ର ଅବସର, ଯେଉଁଦିନ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ସୁଦର୍ଶନ ରଥରୁ ଅବତରଣ କରି ପୁନର୍ବାର ଶ୍ରୀମନ୍ଦିରର ରତ୍ନସିଂହାସନରେ ବିଜେ କରନ୍ତି। ଏହି ପର୍ବରେ ମା' ଲକ୍ଷ୍ମୀ ଓ ପ୍ରଭୁ ଜଗନ୍ନାଥଙ୍କ ମଧ୍ୟରେ ମାନ-ଅଭିମାନର ମଧୁର ଲୀଳା ଭକ୍ତମାନଙ୍କୁ ଆନନ୍ଦରେ ଭରିଦିଏ।

# ସମବାୟ ରାଜନୀତିରେ ବଡ଼ ପରିବର୍ତ୍ତନର ଆଭାସ

## ଖୁବ୍ ଶୀଘ୍ର ବିଜେଡିରେ ହୋଇପାରେ ସମବାୟ ନେତାଙ୍କ ମହାମିଶ୍ରଣ ପର୍ବ !





ଭୁବନେଶ୍ୱର: ଓଡ଼ିଶାର ସମବାୟ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ମିଳୁଥିବା ନେଇ ଏବେ ଜୋରଦାର ଚର୍ଚ୍ଚା ଚାଲିଛି । ସମବାୟ କ୍ଷେତ୍ର ସହ ଜଡ଼ିତ ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଖୁବ ଶୀଘ୍ର ବିଜୁ ଜନତା ଦଳରେ ଯୋଗ ଦେଇପାରନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି । ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପକ୍ଷରୁ ସମବାୟ କ୍ଷେତ୍ରର ଅନେକ ନେତାଙ୍କୁ ନେଇ ଏକ ବୃହତ୍ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ସେତେବେଳେ ଏହାକୁ ସମବାୟ ରାଜନୀତିରେ ଏକ ବଡ଼ ସଫଳତା ବୋଲି ପ୍ରଚାର କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସମବାୟ ମହଲରେ ସମ୍ପୂର୍ଣ୍ଣ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି । ସୂତ୍ର ଅନୁଯାୟୀ, ସେହି ମିଶ୍ରଣ ପର୍ବରେ ସାମିଲ ହୋଇଥିବା ଅଧିକାଂଶ ସମବାୟ ନେତା ଅସନ୍ତୁଷ୍ଟ ଥିବା କୁହାଯାଉଛି । ପ୍ରାୟ ଦଶ ଜଣଙ୍କୁ ଛାଡ଼ି ଅନ୍ୟମାନେ ପୁଣି ନିଜ ପୂର୍ବ ରାଜନୈତିକ ଶିବିରକୁ ଫେରି ପାରନ୍ତି ବୋଲି ଆଲୋଚନା ଜୋର ଧରିଛି । ସମବାୟ କ୍ଷେତ୍ରର ଅନେକ ଅଭିଜ୍ଞ ବ୍ୟକ୍ତିଙ୍କ ମତରେ, ଆଜି ସମବାୟ ବ୍ୟବସ୍ଥା ତାହାର ମୂଳ ଉଦ୍ଦେଶ୍ୟରୁ ଧୀରେ ଧୀରେ ବିଚ୍ୟୁତ ହେଉଛି । ସମବାୟ ଆନ୍ଦୋଳନର ମୂଳମନ୍ତ୍ର ହେଉଛି ଗଣତନ୍ତ୍ର, ସ୍ୱଚ୍ଛତା ଓ ସଦସ୍ୟଙ୍କ ଭାଗୀଦାରି । କିନ୍ତୁ ବର୍ତ୍ତମାନ ବିଭିନ୍ନ ସ୍ତରରେ ଏହି ମୂଲ୍ୟବୋଧ ଦୁର୍ବଳ ହେଉଥିବା ନେଇ ଚିନ୍ତା ପ୍ରକାଶ ପାଉଛି । ଏହାକୁ ନେଇ ସମବାୟ ମହଲ ରେ ଏପରି ମଧ୍ୟ ଚର୍ଚ୍ଚା ହେଉଛି ଯେ, କିଛି ପ୍ରଭାବଶାଳୀ ଅଣ-ସରକାରୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଯୋଗୁଁ ବିଭାଗର କାର୍ଯ୍ୟ ପ୍ରଣାଳୀ ପ୍ରଭାବିତ ହେଉଛି । ଯଦି ଏହି ଧାରଣା ସତ୍ୟ ହୁଏ, ତେବେ ଏହା ସମବାୟ ବ୍ୟବସ୍ଥା ପାଇଁ ଚିନ୍ତାର ବିଷୟ । ଏହି କାରଣରୁ ସମବାୟ ଆଇନର କଠୋର ପାଳନ, ସ୍ୱଚ୍ଛ ପ୍ରଶାସନ ଏବଂ ସଦସ୍ୟମାନଙ୍କ ବିଶ୍ୱାସ ପୁନଃସ୍ଥାପନ ପାଇଁ ଦୃଢ଼ ପଦକ୍ଷେପ ନେବାର ଦାବି ଉଠୁଛି । ରାଜନୈତିକ ବିଶ୍ଳେଷକଙ୍କ ମତରେ, ଯଦି ବର୍ତ୍ତମାନର ଚର୍ଚ୍ଚା ବାସ୍ତବ ରୂପ ନିଏ, ତେବେ ଏହା କେବଳ ସମବାୟ କ୍ଷେତ୍ରରେ ନୁହେଁ, ରାଜ୍ୟର ରାଜନୀତିରେ ମଧ୍ୟ ଏକ ନୂଆ ସମୀକରଣ ସୃଷ୍ଟି କରିପାରେ । ଏବେ ସମସ୍ତଙ୍କ ନଜର ଆଗାମୀ ଦିନର ରାଜନୈତିକ ଘଟଣା କ୍ରମ ଉପରେ ରହିଛି । ସମବାୟ କ୍ଷେତ୍ରରେ ପ୍ରକୃତରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହେବ କି, ନା ଏହା କେବଳ ରାଜନୈତିକ ଚର୍ଚ୍ଚାରେ ସୀମିତ ରହିବ—ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

**ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତା ଖୁବ ଶୀଘ୍ର ବିଜୁ ଜନତା ଦଳରେ ଯୋଗ ଦେଇପାରନ୍ତି**

**ସମବାୟ ବ୍ୟବସ୍ଥା ତାହାର ମୂଳ ଉଦ୍ଦେଶ୍ୟରୁ ଧୀରେ ଧୀରେ ବିଚ୍ୟୁତ ହେଉଛି ।**

**ଅଣ-ସରକାରୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ଯୋଗୁଁ ବିଭାଗର କାର୍ଯ୍ୟ ପ୍ରଣାଳୀ ପ୍ରଭାବିତ ହେଉଛି**

### ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ

# 'ଫକୀରମୋହନ ଭାରତୀୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା'

ରେମୁଣା: ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ସାମ୍ବାଦିକ ଓ ସମ୍ପାଦକ ବଳରାମ ପ୍ରେମ ନାରାୟଣଙ୍କୁ ସମ୍ମାନଜନକ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚମାନର ଶିକ୍ଷା, ଗବେଷଣା, ନବସୃଜନ ଓ ସାହିତ୍ୟ ସଂସ୍କୃତିର ବିକାଶ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଉଦ୍ୟମକୁ ଉଚ୍ଚପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ବଳରାମ ଫକୀରମୋହନ ସେନାପତିଙ୍କୁ ଭାରତୀୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ଭାବେ ଅଭିହିତ କରିବା ସହିତ ତାଙ୍କର ସମସ୍ତ ସାହିତ୍ୟକୃତିକୁ ହିନ୍ଦୀ ଭାଷାରେ ଅନୁବାଦ କରି ପ୍ରକାଶ କରିବା ନେଇ ଘୋଷଣା କରିଥିଲେ ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ଉଚ୍ଚମାନର ଶିକ୍ଷା, ଗୁଣାତ୍ମକ ଗବେଷଣା, ନବସୃଜନ, ଡିଜିଟାଲ୍ ପରିବର୍ତ୍ତନ, ଶିକ୍ଷାନୁଷ୍ଠାନ ସହ ସହଭାଗିତା ଏବଂ ସମାଜମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୁଳସଚିବ କୁକୁମୀନା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । କୁଳାଧିପତି ଡ. ହରିବାବୁ କମ୍ଭମ୍ପାଟିଙ୍କ ବାର୍ତ୍ତାକୁ ପ୍ରଫେସର ନିହାର ରଞ୍ଜନ ରାଉତ ପାଠ କରିଥିଲେ ।



ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡକ୍ଟର ସୋମା ଚାନ୍ଦଙ୍କୁ 'ବ୍ୟାସ ଗୌରବ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବ ଗାଳ୍ପିକା ପୁରସ୍କାର-୨୦୨୬', ବାବୁଲ କୁମାର କବିଙ୍କୁ 'ମନୋଜ ନବପ୍ରତିଭା କବିତା ପୁରସ୍କାର-୨୦୨୬', ସୋନାଲି ନାୟକଙ୍କୁ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୬' ଏବଂ ରାଜଲକ୍ଷ୍ମୀ ବେହେରାଙ୍କୁ 'ଡକ୍ଟର ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର-୨୦୨୬' ପ୍ରଦାନ କରାଯାଇଥିଲା ।

ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଅନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ୍ ପ୍ରତିଯୋଗିତାର ବିଜେତା ଦଳମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବାବେଳେ ସମ୍ବଲପୁରବିଶ୍ୱବିଦ୍ୟାଳୟ ଉପବିଜେତା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଉପ ବିଜେତା ହୋଇଥିଲା । ୨୦୨୪, ୨୦୨୫ ଓ ୨୦୨୬ ଶିକ୍ଷାବର୍ଷ ପାଇଁ ଶଲ୍ୟଚିକିତ୍ସା ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଚିତ୍ରମଣି ପାଣିଗ୍ରାହୀ ଓ ଡକ୍ଟର ଦୀନବନ୍ଧୁ ପାଣିଗ୍ରାହୀ ସ୍ମୃତି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟକୁ ୧୭ ଆସନ ବିଶିଷ୍ଟ ବୈଦ୍ୟୁତିକ ଯାନ ଦାନ କରିଥିବା ୟୁକୋ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ ମୁଖ୍ୟ ତଥା ସହକାରୀ ମହାପ୍ରବନ୍ଧକ ନୀତିଶ କୁମାର ମହାନ୍ତିଙ୍କୁ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମାରୋହ ଅବସରରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ ୨୦୨୫-୨୬' ଓ 'ଫକୀରମୋହନ ଶବ୍ଦାବଳୀ' ଉନ୍ମୋଚିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନବଯୌବନ ଦର୍ଶନ ଓ ପରମ୍ପରା



●ମୋନାଲିସା ଦାସ

*ନେତ୍ରୋତ୍ସବର ପରମ୍ପରା ମଧ୍ୟ ଏହି ଦୀର୍ଘ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ । ଭକ୍ତମାନଙ୍କ ବିଶ୍ୱସ ଅନୁଯାୟୀ, ଶ୍ରୀଜଗନ୍ନାଥ କେବଳ ଦାରୁବିଗ୍ରହ ନୁହନ୍ତି; ସେ ନିଜ ଭକ୍ତଙ୍କ ପାଇଁ ମାନଦୀୟ ରାଜା କରନ୍ତି । ସେ ଜନ୍ମ, ସ୍ନାନ, ରୋଗ, ବିଶ୍ରମ, ଚିକିତ୍ସା ଏବଂ ପୁନର୍ବାର ସୁସ୍ଥ ମାନବଜୀବନର ବିଭିନ୍ନ ଅବସ୍ଥାକୁ ପ୍ରତିଫଳିତ କରନ୍ତି । ସ୍ନାନ ପୂର୍ଣିମାରେ ୧୦୮ ଘଟ ପବିତ୍ର ଜଳରେ ମହାସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଥିବାର ଲୀଳା କରନ୍ତି । ଅନବସର ସମୟରେ ସେ ଜନସାଧାରଣଙ୍କ ଦର୍ଶନରୁ ଦୂରେ ରହନ୍ତି । ଏହି ସମୟରେ ଶ୍ରୀଅଙ୍ଗର ନବୀକରଣ ସହିତ ନୂତନ ନେତ୍ର ଅଙ୍କନ କରାଯାଏ। ଏହାକୁ ନେତ୍ରୋତ୍ସବ କୁହାଯାଏ । ସବୁଶେଷରେ ନେତ୍ର ଅଙ୍କନ କରାଯାଏ । ନେତ୍ର ଅଙ୍କନ ସମାପ୍ତ ହେବା ପରେ ଶ୍ରୀବିଗ୍ରହଙ୍କ ରୂପ ପୂର୍ଣତା ପ୍ରାପ୍ତ କରେ।*



'ନେତ୍ରୋତ୍ସବ' ଶବ୍ଦଟି ଦୁଇଟି ଶବ୍ଦରୁ ଗଠିତ—'ନେତ୍ର' ଅର୍ଥ ଆଖି ଏବଂ 'ଉତ୍ସବ' ଅର୍ଥ ପର୍ବ । ଅର୍ଥାତ୍ ଶ୍ରୀବିଗ୍ରହଙ୍କ ନୂତନ ନେତ୍ର ଅଙ୍କନ ହେବାର ପବିତ୍ର ଅବସର ହେଉଛି ନେତ୍ରୋତ୍ସବ ଆଖି ମନୁଷ୍ୟର ଜ୍ଞାନ, ଚେତନା ଓ ଦର୍ଶନର ପ୍ରତୀକ। ସେହିପରି ଶ୍ରୀଜଗନ୍ନାଥଙ୍କ ନେତ୍ର କେବଳ ଏକ କଳାତ୍ମକ ଅଙ୍କନ ନୁହେଁ; ଏହା ତାଙ୍କର ସର୍ବଜ୍ଞ, ସର୍ବଦର୍ଶୀ ଏବଂ କରୁଣାମୟ ସ୍ୱରୂପର ପ୍ରତୀକ। ଭକ୍ତମାନଙ୍କ ବିଶ୍ୱସ ଯେ, ନେତ୍ରୋତ୍ସବ ପରେ ମହାପ୍ରଭୁ ପୁନର୍ବାର ସମଗ୍ର ବିଶ୍ୱ ଉପରେ ତାଙ୍କର କୃପାଦୃଷ୍ଟି ବର୍ଷା କରନ୍ତି । ଅନବସରର ଶେଷ ଦିନରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନେତ୍ର ଅଙ୍କନ କରାଯାଏ । ଏହି ନୀତି ଅତ୍ୟନ୍ତ ଗୁପ୍ତ ଓ ପବିତ୍ର। ନିର୍ଦ୍ଦିଷ୍ଟ ସେବକ ବ୍ୟତୀତ ଅନ୍ୟ କାହାକୁ ଏହି ସମୟରେ ଉପସ୍ଥିତ ରହିବାର ଅନୁମତି ନଥାଏ। ପ୍ରଥମେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଲଗାଯାଏ। ଏହାପରେ ମୁଖମଣ୍ଡଳକୁ ସୁନ୍ଦର ଭାବରେ ସଜାଯାଏ। ଜଗନ୍ନାଥ ସଂସ୍କୃତି ଭାରତୀୟ ସନାତନ ପରମ୍ପରା, ପୁରାଣ, ଲୋକବିଶ୍ୱାସ ଏବଂ ଓଡ଼ିଆ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ସମନ୍ୱୟ । ନେତ୍ରୋତ୍ସବର ପରମ୍ପରା ମଧ୍ୟ ଏହି ଦୀର୍ଘ ଆଧ୍ୟାତ୍ମିକ ପରମ୍ପରା ସହ ଜଡ଼ିତ । ଭକ୍ତମାନଙ୍କ ବିଶ୍ୱସ ଅନୁଯାୟୀ, ଶ୍ରୀଜଗନ୍ନାଥ କେବଳ ଦାରୁବିଗ୍ରହ ନୁହନ୍ତି; ସେ ନିଜ ଭକ୍ତଙ୍କ ପାଇଁ ମାନଦୀୟ ରାଜା କରନ୍ତି । ସେ ଜନ୍ମ, ସ୍ନାନ, ରୋଗ, ବିଶ୍ରମ, ଚିକିତ୍ସା ଏବଂ ପୁନର୍ବାର ସୁସ୍ଥ ମାନବଜୀବନର ବିଭିନ୍ନ ଅବସ୍ଥାକୁ ପ୍ରତିଫଳିତ କରନ୍ତି । ସ୍ନାନ ପୂର୍ଣିମାରେ ୧୦୮ ଘଟ ପବିତ୍ର ଜଳରେ ମହାସ୍ନାନ ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇଥିବାର ଲୀଳା କରନ୍ତି । ଅନବସର ସମୟରେ ସେ ଜନସାଧାରଣଙ୍କ ଦର୍ଶନରୁ ଦୂରେ ରହନ୍ତି । ଏହି ସମୟରେ ଶ୍ରୀଅଙ୍ଗର ନବୀକରଣ ସହିତ ନୂତନ ନେତ୍ର ଅଙ୍କନ କରାଯାଏ। ଏହାକୁ ନେତ୍ରୋତ୍ସବ କୁହାଯାଏ । ସବୁଶେଷରେ ନେତ୍ର ଅଙ୍କନ କରାଯାଏ । ନେତ୍ର ଅଙ୍କନ ସମାପ୍ତ ହେବା ପରେ ଶ୍ରୀବିଗ୍ରହଙ୍କ ରୂପ ପୂର୍ଣତା ପ୍ରାପ୍ତ କରେ। ଏହି ନୀତି ସମୟରେ ନିର୍ଦ୍ଦିଷ୍ଟ ମନ୍ତ୍ରୋଚ୍ଚାରଣ, ଶୁଦ୍ଧାଚାର ଓ ପାରମ୍ପରିକ ନିୟମ କଠୋର ଭାବରେ ପାଳନ କରାଯାଏ । ଚିତ୍ରକାର ସେବକମାନେ ଶ୍ରୀମନ୍ଦିରର ଏକ ପ୍ରାଚୀନ ସେବାୟତ ପରମ୍ପରାର ଅଂଶ । ସେମାନଙ୍କର ଦାୟିତ୍ୱ କେବଳ ଚିତ୍ର ଅଙ୍କନ ନୁହେଁ; ସେମାନେ ପିଢ଼ି ପରମ୍ପରାରେ ମହାପ୍ରଭୁଙ୍କ ରୂପ, ଦେଶ ଓ ରଙ୍ଗର ପରମ୍ପରାକୁ ସୁରକ୍ଷିତ ରଖିଆସୁଛନ୍ତି। ନେତ୍ରୋତ୍ସବ ସମୟରେ ଚିତ୍ରକାର ସେବକମାନେ ଶ୍ରୀଅଙ୍ଗରେ ନୂତନ ରଙ୍ଗ ଦିଅନ୍ତି।, ମୁଖମଣ୍ଡଳର ଚିତ୍ରାଙ୍କନ କରନ୍ତି, ନେତ୍ର ଅଙ୍କନର ପବିତ୍ର ନୀତି ସମ୍ପନ୍ନ କରତି, ପାରମ୍ପରିକ ରୂପ ଓ ଆକୃତିକୁ ଅ ବିକୃତ ରଖନ୍ତି, ଏହି ସେବାକୁ ସେମାନେ କେବଳ ବୃତ୍ତି ଭାବେ ନୁହେଁ, ବରଂ ଭକ୍ତି ଓ ଆଧ୍ୟାତ୍ମିକ ସାଧନା ଭାବରେ ଗ୍ରହଣ କରନ୍ତି। ଅନବସର କାଳରେ ଦଇତାପତି ସେବକମାନଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ । ପରମ୍ପରା ଅନୁଯାୟୀ, ସେମାନେ ମହାପ୍ରଭୁଙ୍କୁ ପରିବାରର ସଦସ୍ୟ ପରି ସେବା କରନ୍ତି। ସେମାନେ ପ୍ରଭୁଙ୍କୁ ଔଷଧ, ପଥ୍ୟ, ଫଳ ଓ ବିଶେଷ ରୋଗ ଅର୍ପଣ କରନ୍ତି। ଅନବସର ସମୟରେ ସେମାନେ, ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଯତ୍ନ ନିଅନ୍ତୁ, ନବାକରଣ କାର୍ଯ୍ୟରେ ସହଯୋଗ କରନ୍ତି, ଗୁପ୍ତ ନୀତିଗୁଡ଼ିକ ସମ୍ପାଦନ କରନ୍ତି, ନେତ୍ରୋତ୍ସବ ପୂର୍ବରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ କରନ୍ତି, ଦଇତାପତି ସେବା ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ପରମ୍ପରା, ଯାହା ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାକୁ ଜୀବନ୍ତ ରଖିଛି । ଶ୍ରୀଜଗନ୍ନାଥଙ୍କ ବଡ଼ ବଡ଼ ଗୋଲାକାର ନେତ୍ର ଭକ୍ତମାନଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ବାର୍ତ୍ତା ବହନ କରେ। ଏହି ନେତ୍ର ସମସ୍ତଙ୍କ ପ୍ରତି ସମାନ କୃପା, ସମଦୃଷ୍ଟି ଓ ସର୍ବବ୍ୟାପୀ ଚେତନାର ପ୍ରତୀକ । ମହାପ୍ରଭୁ କାହା ପ୍ରତି ପକ୍ଷପାତ କରତି ନାହିଁ ଓ ସେ ଧନୀ-ଦରିଦ୍ର, ଜାତି-ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଭାବରେ ଦେଖନ୍ତି। ନେତ୍ରୋତ୍ସବ ଆମକୁ ମଧ୍ୟ ଶିଖାଏ ଯେ ଆମେ ଜୀବନକୁ ସକାରାତ୍ମକ ଦୃଷ୍ଟିରେ ଦେଖିବା, ମନର ଅଜ୍ଞାନ ଦୂର କରି ଜ୍ଞାନର ଆଲୋକକୁ ଗ୍ରହଣ କରିବା ଉଚିତ । ନେତ୍ରୋତ୍ସବ କେବଳ ଏକ ଧାର୍ମିକ ନୀତି ନୁହେଁ, ଏହା ସମାଜ ପାଇଁ ମଧ୍ୟ ଏକ ଶିକ୍ଷା ଯେପରି ମହାପ୍ରଭୁ ନୂତନ ନେତ୍ରରେ ସମସ୍ତଙ୍କୁ ଦେଖିଛି, ସେହିପରି ଆମେ ମଧ୍ୟ ଜାତି, ଧର୍ମ, ବର୍ଷ ଓ ସମ୍ପ୍ରଦାୟର ସଂକୀର୍ଣତା ଛାଡ଼ି ମାନବତାର ଦୃଷ୍ଟିରେ ସମସ୍ତଙ୍କୁ ଦେଖିଲା ଉଚିତ । ଏହି ପର୍ବ ଆମକୁ କ୍ଷମା, ପ୍ରେମ, ସହଯୋଗ, ସହିଷ୍ଣୁତା ଓ ସମତାର ଶିକ୍ଷା ପ୍ରଦାନ କରେ। ନେତ୍ରୋତ୍ସବ ଶ୍ରୀଜଗନ୍ନାଥଙ୍କ ନୀତିବାର୍ଷିର ଏକ ଅତ୍ୟନ୍ତ ପବିତ୍ର ଓ ଗୁରୁତ୍ୱପୂର୍ଣ ଅଧ୍ୟାୟ । ଏହି ନୀତିରେ ଚିତ୍ରକାର ଓ ଦଇତାପତି ସେବକମାନଙ୍କ ନିଷ୍ଠା, ଭକ୍ତି ଓ ପାରମ୍ପରିକ ଜ୍ଞାନର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳେ। ନୂତନ ନେତ୍ର ଅଙ୍କନ ସହ ମହାପ୍ରଭୁଙ୍କ ଦିବ୍ୟ ରୂପ ପୂନର୍ବାର ପୂର୍ବତା ଲାଭ କରେ ଏବଂ ଭକ୍ତମାନେ ନବଯୌବନ ଦର୍ଶନ ପାଇଁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା ଅପେକ୍ଷା କରନ୍ତି । ନେତ୍ରୋତ୍ସବ ଭକ୍ତି, ଆଧ୍ୟାତ୍ମିକତା, କଳା ଓ ପରମ୍ପରାର ଏକ ଅନନ୍ୟ ସମନ୍ୱୟ, ଯାହା ଜଗନ୍ନାଥ ସଂସ୍କୃତିର ମହାନତାକୁ ପ୍ରତିଫଳିତ କରେ। ଜଗନ୍ନାଥ ସଂସ୍କୃତିରେ ନବଯୌବନ ଦର୍ଶନ ଏକ ଅତ୍ୟନ୍ତ ପବିତ୍ର ଓ ଭାବପୂର୍ଣ ନୀତି । ସ୍ନାନଯାତ୍ରା ପରେ ପ୍ରାୟ ପନ୍ଦର ଦିନ ଧରି ଅନବସରରେ ରହିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ନୂତନ କାନ୍ତି, ନୂତନ ରୂପ ଓ ନୂତନ ନେତ୍ର ସହ ଭକ୍ତମାନଙ୍କୁ ପ୍ରଥମ ଥର ପାଇଁ ଦର୍ଶନ ଦିଅନ୍ତୁ। ଏହି ଦର୍ଶନକୁ ନବଯୌବନ ଦର୍ଶନ ବୋଲି କୁହାଯାଏ । 'ନବଯୌବନ'ର ଅର୍ଥ ହେଉଛି ନୂତନ ଯୌବନ, ନୂତନ ସୌନ୍ଦର୍ଯ୍ୟ, ନୂତନ ଉପାଜ ଓ ନୂତନ ଜୀବନଶକ୍ତି। ଏହି ଦର୍ଶନ ମାଧ୍ୟମରେ ମହାପ୍ରଭୂ ଭକ୍ତମାନଙ୍କୁ ନୂତନ ଆଶା, ନୂତନ ବିଶ୍ୱାସ ଓ ନୂତନ ଜୀବନର ବାର୍ତ୍ତା ପ୍ରଦାନ କରନ୍ତି । ଅନବସର ଶେଷରେ ନେତ୍ରୋତ୍ସବ ସମ୍ପନ୍ନ ହେବା ପରେ ଶ୍ରୀବିଗ୍ରହମାନଙ୍କୁ ସୁନ୍ଦର ବେଶରେ ସଜାଯାଏ । ଶ୍ରୀଅଙ୍ଗରେ ନୂତନ ରଙ୍ଗ, ମୁଖମଣ୍ଡଳରେ ଅପୂର୍ବ କାନ୍ତି ଏବଂ ନୂତନ ନେତ୍ର ଅଙ୍କନ ପରେ ମହାପ୍ରଭୁ ପୁନର୍ବାର ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଏହି ଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ ସେବାୟତମାନେ ପାରମ୍ପରିକ ବିଧି ଅନୁଯାୟୀ ସମସ୍ତ ସେବା ସମ୍ପନ୍ନ କରନ୍ତି ମହାପ୍ରଭୁଙ୍କ ଦିବ୍ୟ ରୂପ ଦେଖି ଭକ୍ତମାନେ ଆନନ୍ଦରେ ଆତ୍ମବିଭୋର ହୋଇଯାନ୍ତି। ନବଯୌବନ କେବଳ ଶାରୀରିକ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ । ଏହା ଜୀବନର ନୂତନ ଆରମ୍ଭ, ନୂତନ ଚେତନା ଓ ନୂତନ ସମ୍ଭାବନାର ପ୍ରତୀକ। ଏହି ପର୍ବ ଆମକୁ ଶିଖାଏ ଯେ ଜୀବନରେ କଷ୍ଟ ପରେ ସୁଖ ଆସେ, ରୋଗ ପରେ ସୁସ୍ଥତା ଆସେ, ଅନ୍ଧକାର ପରେ ଆଲୋକ ଆସେ, ନିରାଶା ପରେ । ।
ଆଶାର ଉଦୟ ହୁଏ । ମହାପ୍ରଭୁଙ୍କ ନବଯୌବନ ରୂପ ମାନବ ସମାଜକୁ ସର୍ବଦା ଆଶାବାଦୀ ହୋଇ ରହିବାର ପ୍ରେରଣା ଦେଇଥାଏ। ଭକ୍ତମାନଙ୍କ ଭାବନା ଅନବସର ସମୟରେ ଭକ୍ତମାନେ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହନ୍ତି । ଏହି ବିରହର ସମୟ ଭକ୍ତଙ୍କ ହୃଦୟରେ ଅତ୍ୟନ୍ତ ଗଭୀର ଆକୁଳତା ସୃଷ୍ଟି କରେ ଓ ନବଯୌବନ ଦର୍ଶନ ଦିନ ସେହି ଆକୁଳତା ଆନନ୍ଦରେ ପରିଣତ ହୁଏ । ଭକ୍ତମାନେ ଭାବବିହ୍ୱଳ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି । ଅନେକ ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ ଆସିଯାଏ । ସେମାନଙ୍କ ବିଶ୍ୱାସ ଯେ, ନବଯୌବନ ଦର୍ଶନ କଲେ ଜୀବନରେ ସୁଖ, ଶାନ୍ତି ଓ ଆଧ୍ୟାତ୍ମିକ ଉନ୍ନତି ଲାଭ ହୁଏ । ନବଯୌବନ ଦର୍ଶନ ଓ ରଥଯାତ୍ରା ପରସ୍ପର ସହ ନିବିଡ଼ ଭାବରେ ଜଡ଼ିତ। ଅନବସରରୁ ମୁକ୍ତ ହୋଇ ନୂତନ ଯୌବନରେ ମହାପ୍ରଭୁ ପରଦିନ ରଥାରୋହଣ କରନ୍ତି । ସେ ତାଙ୍କ ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି। ଏହି କାରଣରୁ ନବଯୌବନ ଦର୍ଶନକୁ ରଥଯାତ୍ରାର ପୂର୍ବ ପ୍ରସ୍ତୁତି ବୋଲି କୁହାଯାଏ । ଏହା ରଥଯାତ୍ରାର ଆଧ୍ୟାତ୍ମିକ ଆରମ୍ଭ। ଜଗନ୍ନାଥ ସଂସ୍କୃତିରେ ପ୍ରତ୍ୟେକ ନୀତି ଜୀବନ ପାଇଁ ଏକ ଶିକ୍ଷା ନବଯୌବନ ଦର୍ଶନ ଆମକୁ ଶିଖାଏ ଯେ ନିଜକୁ ସମୟ ସମୟରେ ନବୀକରଣ କରିବା, ଖରାପ ଅଭ୍ୟାସ ତ୍ୟାଗ କରି ଭଲ ଗୁଣ ଗ୍ରହଣ କରିବା, ନୂତନ ଉତ୍ସାହ ସହ କାର୍ଯ୍ୟ କରିବା, ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା । ଯେପରି ମହାପ୍ରଭୁ ନୂତନ ରୂପରେ ଦର୍ଶନ ଦିଅନ୍ତି, ସେହିପରି ମଣିଷ ମଧ୍ୟ ଆତ୍ମଶୁଦ୍ଧି ଓ ସତ୍କର୍ମ ଦ୍ୱାରା ନିଜ ଜୀବନକୁ ସୁନ୍ଦର କରିପାରେ । ନବଯୌବନ ଦର୍ଶନ ଭକ୍ତଙ୍କୁ କେବଳ ଦିବ୍ୟ ରୂପର ଦର୍ଶନ ଦିଏ ନାହିଁ; ଏହା ତାଙ୍କ ଅନ୍ତରାତ୍ମାକୁ ମଧ୍ୟ ଜାଗ୍ରତ କରେ। ଏହି ଦର୍ଶନ ଆମକୁ ସ୍ମରଣ କରାଏ ଯେ, ଈଶ୍ୱର ସଦା ଜୀବନ୍ତ, ତାଙ୍କର କୃପା କେବେ ଶେଷ ହୁଏ ନାହିଁ, ସେ ସମସ୍ତଙ୍କୁ ସମାନ ଭାବରେ ଭଲପାଆନ୍ତି, ଭକ୍ତି ହିଁ ଈଶ୍ୱରଙ୍କୁ ପ୍ରାପ୍ତ କରିବାର ସରଳ ପଥ, ନବଯୌବନ ଦର୍ଶନ ଭକ୍ତମାନଙ୍କ ମନରେ ଭକ୍ତି, ଶାନ୍ତି, ସନ୍ତୋଷ ଓ ଆତ୍ମବିଶ୍ୱାସର ସଞ୍ଚାର କରେ । ନବଯୌବନ ଦର୍ଶନ ଶ୍ରୀଜଗନ୍ନାଥଙ୍କ ଲୀଳାର ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ଅଧ୍ୟାୟ । ନୂତନ ଜୀବନ, ନୂତନ ଚେତନା, ନୂତନ ଆଶା ଓ ନୂତନ ଭକ୍ତିର ପ୍ରତୀକ । ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଏହି ନବଯୌବନ ରୂପ ଭକ୍ତମାନଙ୍କ ହୃଦୟକୁ ଆନନ୍ଦ, ଉଗୀତ ଓ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ କରିଦିଏ । ତେଣୁ ନବଯୌବନ ଦର୍ଶନ ଜଗନ୍ନାଥ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ ।



# ରାଜ୍ୟ ଖବର



## ସହରାଞ୍ଚଳ ସ୍ଥାନୀୟ ନିକାୟକକୁ ରାଜସ୍ୱ ମଡେଲ ଗୁରୁତ୍ୱ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର: ଓଡ଼ିଶାର ସହରାଞ୍ଚଳ ଭିତ୍ତିଭୂମି ବିକାଶକୁ ଅଧିକ ଗତିଶୀଳ କରିବା ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ଓ ଉନ୍ନୟନ କର୍ତ୍ତୃପକ୍ଷମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଓ ହାଉସିଂ ଆଣ୍ଡ ଅର୍ବାନ ଡେଭେଲପମେଣ୍ଟ କର୍ପୋରେସନ୍‌ର ମିଳିତ ସହଯୋଗରେ  ଏକ ଏକଦିବସୀୟ କ୍ଷମତା ବିକାଶ କର୍ମଶାଳା ଆୟୋଜିତ ହୋଇଛି।



କର୍ମଶାଳାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର ସମସ୍ତ ସହରାଞ୍ଚଳ ସ୍ଥାନୀୟ ନିକାୟକୁ ସ୍ୱାବଲମ୍ବୀ ଓ ସ୍ଥାୟୀ କରିବା ପାଇଁ 'ରାଜସ୍ୱ ମଡେଲ' ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହା ମାଧ୍ୟମରେ ୟୁବିଏଲ୍‌ମାନେ କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନରହି ନିଜସ୍ୱ ରାଜସ୍ୱ ସୃଷ୍ଟି କରି ନିଜ ଅଞ୍ଚଳର ଭିତ୍ତିଭୂମି ବିକାଶକୁ ସୁଦୃଢ଼ କରିପାରିବେ। ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ଏବଂ ୨୦୪୭ର 'ବିକଶିତ ଭାରତ' ଲକ୍ଷ୍ୟ ପୂରଣରେ ଓଡ଼ିଶାକୁ ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ପୌରସଂସ୍ଥାର ଅଧିକାରୀମାନଙ୍କୁ ସେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। କର୍ମଶାଳାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ କହିଥିଲେ ଯେ, ରାଜ୍ୟର ସହରାଞ୍ଚଳର ରୂପାନ୍ତରଣ ଦିଗରେ ଏହି କ୍ଷମତା ବିକାଶ କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ପଦ କ୍ଷେପ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ସହରାଞ୍ଚଳ ସ୍ଥାନୀୟ ନିକାୟ ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକୁ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଆବଶ୍ୟକ ଆର୍ଥିକ ସମ୍ବଳ ହାସଲ କରିବାରେ ସକ୍ଷମ କରିବା।

ସେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୫ ଏପ୍ରିଲ ୨୦୨୬ରେ ଆରମ୍ଭ ହୋଇଥିବା ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ରାଜ୍ୟର ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି। ଏହି ଯୋଜନାରେ ଅନୁମୋଦିତ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ ପର୍ଯ୍ୟନ୍ତ କେନ୍ଦ୍ରୀୟ ସହାୟତା ମିଳିବା ସହିତ ଅନ୍ୟୂନ ୫୦ ପ୍ରତିଶତ ଅର୍ଥ ଋଣ, ମ୍ୟୁନିସିପାଲ ବଣ୍ଡ କିମ୍ବା ପବ୍ଲିକ-ପ୍ରାଇଭେଟ୍ ପାର୍ଟନରସିପ୍ ମାଧ୍ୟମରେ ସଂଗ୍ରହ କରାଯିବ।

ବାକୁଠାରେ ଆୟୋଜିତ ୱାର୍ଲ୍ଡ ଅର୍ବାନ ଫୋରମ୍ ଅବସରରେ ଓଡ଼ିଶା ସରକାର ଓ ଐଟଉଡଙ୍କ ମଧ୍ୟରେ ହୋଇଥିବା ସହଯୋଗୀତା ଚୁକ୍ତି ମାଧ୍ୟମରେ ରାଜ୍ୟର ସହରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅର୍ଥାୟନ ଓ ପ୍ରସ୍ତୁତିକରଣକୁ ସୁଦୃଢ଼ କରାଯାଉଛି। ଏହି ସହଯୋଗ ଅନୁଯାୟୀ ଐଟଉଡଙ୍କ ପ୍ରକଳ୍ପ ମୂଲ୍ୟାଙ୍କନ, ଆର୍ଥିକ ସଂରଚନା, ଋଣ ସଂଗ୍ରହ ଏବଂ Urban Invest Window (UiWIN) ମାଧ୍ୟମରେ ବ୍ୟାଙ୍କଯୋଗ୍ୟ ପ୍ରକଳ୍ପ ପ୍ରସ୍ତୁତିରେ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରୁଛି।

ଓଡ଼ିଶା ଟଉରର ପ୍ରଥମ ପର୍ଯ୍ୟାୟରେ ୪,୨୬୨ କୋଟି ମୂଲ୍ୟର ୧୨ଟି ପ୍ରକଳ୍ପ ନ୍ୟାସନାଲ ଆପେକ୍ସ କମିଟି ନିକଟରେ ଦାଖଲ କରିଛି। ଏଥିରେ ଡ୍ରେନେଜ୍ ବ୍ୟବସ୍ଥା, ସହରାଞ୍ଚଳ ପୁନଃବିକାଶ, ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର, ପରିବହନ, ୱାଟରଫ୍ରଣ୍ଟ ବିକାଶ ଏବଂ ବର୍ଜ୍ୟଜଳ ପରିଚାଳନା ଭଳି ପ୍ରାଥମିକତା କ୍ଷେତ୍ରଗୁଡ଼ିକ ସାମିଲ ରହିଛି। ନ୍ୟାସନାଲ ଆପେକ୍ସ କମିଟି ଦ୍ୱାରା ରାଜ୍ୟର ଚାରିଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି।

## ସନ୍ଦେହରେ କଟକ ପୌର ନିଗମ କର୍ତ୍ତୃପକ୍ଷଙ୍କ ଭୂମିକା

## ୩୦ କୋଟିରୁ ଅଧିକ ଟଙ୍କାର ମୂଲ୍ୟବାନ ସଂପତ୍ତିକୁ ଜବରଦଖଲକାରୀଙ୍କ ହାତକୁ ଟେକି ଦେଇଛି କଟକ ପୌର ନିଗମ

କଟକ: ୪୮ ବର୍ଷର ଆଇନଗତ ଲଢ଼େଇକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଜିତିବା ପରେ ବି ୩୦ କୋଟିରୁ ଅଧିକ ଟଙ୍କାର ମୂଲ୍ୟବାନ ସଂପତ୍ତିକୁ ଜବରଦଖଲକାରୀଙ୍କ ହାତକୁ ଟେକି ଦେଇଛି କଟକ ପୌର ନିଗମ। 'ଏହି ସମ୍ପତ୍ତି କଟକ ମହାନଗର ନିଗମର। ଏହି ସମ୍ପତ୍ତି ପରିସରକୁ ଅନାଧିକାର ପ୍ରବେଶ ଦଣ୍ଡନୀୟ ଅପରାଧ।' ବାଦାମବାଡ଼ିର ନେତାଜୀ ବସ୍ ଟର୍ମିନାଲ ପାଖରେ ରହିଥିବା ୧୫ ଗୁଣ୍ଠରୁ ଅଧିକ ଜମି ଆଗରେ ଏଭଳି ଲେଖା ଥିବା ଫଳକ ଲଗାଇ କଟକ ପୌର ନିଗମ ୧୧ ମାସ ହେଲା ହାତ ବାନ୍ଧି ବସିଛି। କଟକ ପୌର ନିଗମ କର୍ତ୍ତୃପକ୍ଷ କାହା ସ୍ୱାର୍ଥରେ ସଂପତ୍ତିକୁ ନିଜ ଦଖଲକୁ ନ ଆଣି ପୂର୍ବ ଭଳି ସେଠାରେ ବ୍ୟବସାୟ କରି ଆସୁଥିବା ବ୍ୟବସାୟୀଙ୍କ ହାତରେ ଛାଡ଼ି ଦେଇଛନ୍ତି, ତାହା ଏବେ ସନ୍ଦେହର କାରଣ ହୋଇଛି। ସୁପ୍ରିମକୋର୍ଟ ୨୦୨୪ ଡିସେମ୍ବର ୧୧ରେ ପୌର ନିଗମ ସପକ୍ଷରେ ରାୟ ଦେଇ ୨୦୨୫ ସେପ୍ଟେମ୍ବର ୧୫ ତାରିଖ ଅଥବା ତା ପୂର୍ବରୁ ସେଠାରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ପ ରିସର ଖାଲି କରି ଜମି ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କେଏମ୍‌ସି କେବଳ ଫଳକ ଲଗାଇ ହାତ ବାନ୍ଧି ବସିଥିବା ବେଳେ ସେହି ଜମିରେ ଭଡ଼ାରେ ଚାଲିଥିବା ବିଭିନ୍ନ ସଂସ୍ଥା ପୂର୍ବଭଳି ଚାଲିଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ସେହି କୋଠା ଉପରେ ବ୍ୟବସାୟିକ ହୋର୍ଡିଂ ଲାଗିଛି। କେଏମ୍‌ସିର ବିନା ଅନୁମତିରେ ହୋର୍ଡିଂ ଲାଗିବା ବେଆଇନ ହୋଇଥିବା ବେଳେ କର୍ତ୍ତୃପକ୍ଷଙ୍କ ନିରବତା ବଡ଼ ଦୁର୍ନୀତିର ପ୍ରମାଣ ଦେଉଛି। ସେଠାରେ ଏଭଳି ବେଆଇନ କାରବାରକୁ କିଏ ସୁରକ୍ଷା ଦେଉଛି, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ହୋଇଛି। ଏ ସଂପର୍କରେ କଟକ ପୌର ନିଗମର ଡେପୁଟି କମିସନର ଅଶୋକ କୁମାର ଲେଙ୍କାଙ୍କ ଉତ୍ତର ବି ଚକିତ କଲା ଭଳି। ଶ୍ରୀ ଲେଙ୍କା କହିଛନ୍ତି ଯେ ଆମେ ସେଠାରେ ଦଖଲରେ ଥିବା ଲୋକଙ୍କୁ ନୋଟିସ୍ ଦେବୁ। ଯଦି ତାହାକୁ ନ ମାନନ୍ତି, ତେବେ ଆମେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ




ଗ୍ରହଣ କରିବୁ। ୨୦୨୫ ସେପ୍ଟେମ୍ବର ୧୫ ସୁଦ୍ଧା ସ୍ଥାନ ଖାଲି ପାଇଁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ପରେ ବି ପୌର ନିଗମ ଏଭଳି ନୋଟିସ କଥା କହି କାହିଁକି ସମୟ ଗଡ଼ାଉଛି, ତାହା ବି ସନ୍ଦେହର କାରଣ ହୋଇଛି।  ଉଲ୍ଲେଖଯୋଗ୍ୟ ଯେ ୧୯୭୮ ଜାନୁଆରି ୭ରେ ନବ କୁମାର ଆଚାର୍ଯ୍ୟଙ୍କ ନାଁରେ ଏହି ଜମି କରିବା ପାଇଁ କଟକ ଓଇଏ କଲେକ୍ଟର ତଥା ଅତିରିକ୍ତ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୌର ନିଗମ ବିଭିନ୍ନ ରାଜସ୍ୱ ଅଦାଲତରେ ନିରାଶ ହେବା ପରେ ହାଇକୋର୍ଟରେ ମାମଲା ଦାୟର କରିଥିଲା।  ହାଇକୋର୍ଟର ଜଣିକିଆ ଖଣ୍ଡପୀଠ କେଏମ୍‌ସିର ଆବେଦନକୁ ୨୦୧୦ ଜୁନ ୨୮ରେ ଖାରଜ କରିଥିଲେ। ଜଣିକିଆ ଖଣ୍ଡପୀଠଙ୍କ ରାୟ ବିରୋଧରେ କେଏମ୍‌ସି ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲା। ଏଥି ସହିତ ଏହି ଜମି ପ୍ରସଙ୍ଗରେ ସେଟଲ୍‌ମେଣ୍ଟ ଆଣ୍ଡ କନସୋଲିଡେସନ୍ ଯୁଗ୍ମ କମିସନରଙ୍କ ୨୦୦୪ ଫେବୃଆରି ୨୪ର ନିର୍ଦ୍ଦେଶକୁ ହାଇକୋର୍ଟ ଖାରଜ କରିଥିଲେ। ୧୯୭୮ ଜାନୁଆରି ୭ରେ ନବ କୁମାର ଆଚାର୍ଯ୍ୟଙ୍କ ନାଁରେ ଏହି ଜମି କରିବା ପାଇଁ କଟକ ଓଇଏ କଲେକ୍ଟର ତଥା ଅତିରିକ୍ତ ତହସିଲଦାରଙ୍କ ନିର୍ଦ୍ଦେଶକୁ ମଧ୍ୟ ହାଇକୋର୍ଟ ରଦ୍ଦ କରିଥିଲେ। ଏହି ପ୍ଲଟ୍‌ଗୁଡ଼ିକ ଦଖଲରେ ଥିବା ବ୍ୟକ୍ତିବିଶେଷ ଯଦି ୨୦୨୩ ଜୁଲାଇ ୧ ସୁଦ୍ଧା ଜମିକୁ ଶାନ୍ତିପୂର୍ଣ୍ଣ ଭାବେ ହସ୍ତାନ୍ତର ନ କରନ୍ତି ତେବେ କେଏମ୍‌ସି ଏହାକୁ ଦଖଲକୁ ନେବା ପାଇଁ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବ।

## କେଜିରୁ ପିଜି ମାଗଣା ଶିକ୍ଷା ବିବାଦ

- ଅତିଥି ଅଧ୍ୟାପକ ନିଯୁକ୍ତି ଠପ୍
- ଦରମା ଦେବାକୁ ବିଦ୍ୟାଳୟ ପାଖରେ ପଇସା ନାହିଁ

ଭୁବନେଶ୍ୱର: ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ହେଲାଣି। ମାତ୍ର ପଢ଼ାଇବାକୁ ଅଧ୍ୟାପକ ନାହାନ୍ତି। କେଉଁଠି ଦୁଇ ଜଣ ତ ଆଉ କେଉଁଠି ତିନିଜଣରେ ପାଠପଢ଼ା ଚାଲିଛି। ଜୁଲାଇ ୨୩ରୁ ନୂଆ କରି ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ପିଲାଙ୍କ ପାଠପଢ଼ା ହେବାକୁ ଯାଉଛି। ହାତରେ ଆଉ ୧୦ ଦିନ ରହିଥିଲେ ମଧ୍ୟ ଅତିଥି ଅଧ୍ୟାପକ ନିଯୁକ୍ତ ହୋଇପାରି ନାହାନ୍ତି। ମାସକ ତଳକୁ ନିଯୁକ୍ତି ପ୍ରକ୍ରିୟା ହୋଇଥିଲେ ମଧ୍ୟ ଫାଇଲ୍‌ରେ ଚୂଡ଼ାନ୍ତ ମୋହର ବାଜିପାରୁ ନାହିଁ। ସାକ୍ଷାତକାର ସାରି କର୍ତ୍ତୃପକ୍ଷ ତାଲିକା ଧରି ବସିଥିଲେ ମଧ୍ୟ ନିଯୁକ୍ତି ଦେଇପାରୁ ନାହାନ୍ତି। କାରଣ ଦରମା ଦେବାକୁ ବିଦ୍ୟାଳୟ ପାଖରେ ପଇସା ନାହିଁ। ଯେଉଁ ଦିନ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବେ ସେବେଠାରୁ ସେମାନଙ୍କ ଚାକିରି ଗଣନା କରାଯିବା ସହ ଦରମା ଦେବାକୁ ହେବ। ତେଣୁ ବିଦ୍ୟାଳୟଗୁଡ଼ିକ ନିଯୁକ୍ତିପତ୍ର ଦେଇପାରୁ ନାହାନ୍ତି। କେବଳ ସେତିକି ନୁହେଁ, ଯେଉଁ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଥିଲେ ସେମାନଙ୍କୁ କିଭଳି ଦରମା ଦିଆଯିବ ସେନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। 'କେଜିରୁ ପିଜି ମାଗଣା ଶିକ୍ଷା' ଯୋଜନା ଲାଗୁ ପରେ ସାରା ରାଜ୍ୟରେ ଏବେ ଏଭଳି ସ୍ଥିତି ଉପୁଜିଛି। ଗଣଶିକ୍ଷା ବିଭାଗ ପକ୍ଷରୁ ଜୁଲାଇ ପ୍ରଥମ ସପ୍ତାହରେ ବିଜ୍ଞପ୍ତି ପ୍ରକାଶ କରାଯାଇ ଜୁନ୍ ୧୫ ସୁଦ୍ଧା ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା କରିବାକୁ କୁହାଯାଇଥିଲା। ମାଗଣା ଶିକ୍ଷା ନେଇ ଗାଇଡ୍‌ଲାଇନ୍ ଆସୁ ନଥିବାରୁ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ୩ କଲେଜ କର୍ତ୍ତୃପକ୍ଷ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ୬୬୨ ବର୍ଗ ଯୁକ୍ତ୨ ଓ ଯୁକ୍ତ୩ କଲେଜ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି ଯେ ଏସ୍ଓପି ଆସିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। କେବେ ଆସିବ ସେନେଇ ସ୍ପଷ୍ଟ କରିବା ଆବଶ୍ୟକ। ବିଭାଗ ପକ୍ଷରୁ କୁହାଯାଉଛି ଯେ କଲେଜ ପାଖରେ ଯେଉଁ ୫୦ ଲକ୍ଷ ଟଙ୍କା ରହିଛି ତାହାକୁ ଖର୍ଚ୍ଚ କରନ୍ତୁ। ତେବେ କେଉଁ କଲେଜରେ ୫୦ ଲକ୍ଷ ଟଙ୍କା ରହିଛି ତାହା ସ୍ପଷ୍ଟ କରିବା ଆବଶ୍ୟକ। କଲେଜ ପାଖରେ ଅତିବେଶିରେ ୫ରୁ ୧୦ ଲକ୍ଷ ଟଙ୍କା ଥାଇପାରେ। କୌଣସି କଲେଜ ଆକାଉଣ୍ଟରେ ଏହାଠାରୁ ଅଧିକ ଟଙ୍କା ନ ଥିବ। କାରଣ ବର୍ଷକରେ ଯେତିକି ପଇସା ହୁଏ ତାହାକୁ ସେହି ବର୍ଷରେ ହିଁ ଖର୍ଚ୍ଚ କରାଯାଇଥାଏ। ଠିକ୍ ଭାବେ ନ ବୁଝି କଲେଜରେ ପଇସା ଥିବା କଥା କହିବା ଦୁଃଖଦାୟକ। ପର୍ଯ୍ୟାୟକ୍ରମେ ଟଙ୍କା ଦେବା ବଦଳରେ




ଏକକାଳୀନ ସମସ୍ତ ଅର୍ଥ କଲେଜକୁ ଦିଆଯାଉ। ଯଦି ମାସକୁ ମାସ କିମ୍ବା ୩ ମାସରେ ଥରେ ପଇସା ଦେବେ ତାହା ହେଲେ କଲେଜ ଚାଲିବାରେ ଅସୁବିଧା ସୃଷ୍ଟି ହେବ ବୋଲି ସେ କହିଛନ୍ତି।

ମାଗଣା ଶିକ୍ଷା ନିଷ୍ପତ୍ତିକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସ୍ୱାଗତ କରିଥିଲେ ମଧ୍ୟ ସମସ୍ତ ବିଦ୍ୟାଳୟକୁ ସରକାରୀକରଣ କରିବାକୁ ଦାବି ଉଠିଛି। ସଂଘ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ କିଭଳି ଚାଲିବ ସେଦିଗରେ ସରକାର କେତେଦୂର ଚିନ୍ତା କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯେତେବେଳେ ସରକାରୀ ବିଦ୍ୟାଳୟକୁ କଣ୍ଟିଜେନ୍ସି ଫଣ୍ଡ, ବିଭିନ୍ନ କାର୍ଯ୍ୟକ୍ରମରେ ଆର୍ଥିକ ପ୍ରୋତ୍ସାହନ, ବିଦ୍ୟୁତ୍ ବିଲ୍ ଆଦି ପ୍ରଦାନ କରୁଛନ୍ତି, ସେତେବେଳ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଟଙ୍କାଟିଏ ଦିଆଯାଉ ନାହିଁ। ରାଜ୍ୟ ସରକାର ସରକାରୀ ବିଦ୍ୟାଳୟଗୁଡ଼ିକୁ ଯେଉଁଭଳି ସୁବିଧା ଯୋଗାଉଛନ୍ତି ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସେଭଳି ସୁବିଧା ଯୋଗାଇବା ଆବଶ୍ୟକ। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଖାଲିଥିବା ପଦବିରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି, ସମସ୍ତ ପିଲାଙ୍କୁ ସମାନ ଭାବରେ ସୁବିଧା ସୁଯୋଗ ପ୍ରଦାନ କରାଗଲେ କେଜିରୁ ପିଜି ସ୍ଲୋଗାନ ସଫଳ ହୋଇପାରିବ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ୩ହଜାର ବିଦ୍ୟାଳୟକୁ ଏକକାଳୀନ ସରକାରୀକରଣ କରାଯାଇଥିଲା। ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାର ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ କରିବା ଦିଗରେ ଐତିହାସିକ ପଦକ୍ଷେପ।

# ଶ୍ରୀଜଗନ୍ନାଥ ଅମୃତମୟ ଚେତନାର ପ୍ରତୀକ



●ଡ. ହିମାଦ୍ରି ତନୟା ମିଶ୍ର

> *ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରାମାଣିକ ରୂପ ବହୁ କିମ୍ବଦନ୍ତୀ, ପୁରାଣ, ଗଳ୍ପ, ଶିଳାଲେଖ ଏବଂ ତାଳପତ୍ର ପୋଥି ଆଦିରୁ ଦେଖିବାକୁ ମିଳେ । ଓଡ଼ିଶାର ଆଦ୍ୟ ସଂସ୍କୃତିର ପ୍ରାଚୀନତା ପ୍ରସ୍ତର ଅସ୍ତ୍ର ଦେବତା ଓ ପିତୃମାନଙ୍କ ସ୍ମୃତିର ସ୍ମାରକୀ ରୂପେ ଶ୍ମଶାନରେ ବୃକ୍ଷ ମୂଳରେ ଉଚ୍ଚଭୂମି ଆଦି ଉପରେ ଶିଳାଖଣ୍ଡ ପୋତି ପୂଜା କରାଯାଉଥିଲା । ଅଦ୍ୟାବଧି ଏହାର ଛାୟା, ଶବର, କନ୍ଧ, କୋହ୍ଲ, ବଣ୍ଡା, ପରଜା, ଗଦବା ଓ ଗଣ୍ଡ ଆଦି ଗୋଷ୍ଠୀରେ ଦେଖିବାକୁ ମିଳିଥାଏ । ନୂତନ ପ୍ରସ୍ତର ଯୁଗରେ ଚିକ୍କଣ ତଥା ମସୃଣ ଅସ୍ତ୍ରଶସ୍ତ୍ରକୁ ଦେବ ଦେବୀଙ୍କର ପ୍ରତୀକ ରୂପେ ଉତ୍ସର୍ଗ କରାଯାଉଥିଲା । ଉଦାହରଣ ସ୍ୱରୂପ ଶାଳଗ୍ରାମ ପୂଜା ସେ ସମୟରୁ ଆରମ୍ଭ ହୋଇଆସୁଛି ।*

ଜଗନ୍ନାଥ ଶବ୍ଦ ଜଗତ୍‌ରୁ ନିଷ୍ପନ୍ନ । ଜଗତ୍ ଶବ୍ଦର ଅର୍ଥ ଗତିଶୀଳ ବା କ୍ରିୟାମୟ ବସ୍ତୁ । କ୍ରିୟା, ଶକ୍ତିର ପ୍ରକାଶକୁ ବୁଝାଏ । ଶକ୍ତି ବ୍ୟତୀତ କ୍ରିୟାର କୌଣସି ଠାରେ ପ୍ରକାଶ ହୁଏ ନାହିଁ । ତେଣୁ ଯାହା କ୍ରିୟା ତାହା ଶକ୍ତିର ରୂପାନ୍ତର ମାତ୍ର । ଆମର ଜନ୍ମ, ସ୍ଥିତି ଓ ମୃତ୍ୟୁର ରୂପ କ୍ରିୟାମୟ ଶରୀରର ମହାଶକ୍ତି ସମ୍ଭୂତ କ୍ଷୁଦ୍ର ଶକ୍ତି ଚକ୍ର । ଶକ୍ତିର ସ୍ଥୁଳ ପକାଶ ହେଉଛି କ୍ରିୟା ଓ କ୍ରିୟାର ସ୍ଥୁଳ ପ୍ରକାଶ ହେଉଛି ଜାଗତିକ ଗୁଣ । ଏହି ପୁରୁଷୋତ୍ତମ ହେଉଛନ୍ତି ତ୍ରିଶକ୍ତିର ଆଧାର । ସତ୍, ଚିତ୍ ଓ ଆନନ୍ଦ ଏହି ତ୍ରିଭଙ୍ଗିମ ରୂପରେ ବିଦ୍ୟମାନ । ଏଥିରେ କୌଣସି ଆଧ୍ୟାତ୍ମିକତା, ତର୍କ ବା ଆଦର୍ଶର ରୂପରେଖ ନାହିଁ ।

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରାମାଣିକ ରୂପ ବହୁ କିମ୍ବଦନ୍ତୀ, ପୁରାଣ, ଗଳ୍ପ, ଶିଳାଲେଖ ଏବଂ ତାଳ ପତ୍ର ପୋଥି ଆଦିରୁ ଦେଖିବାକୁ ମିଳେ । ଓଡ଼ିଶାର ଆଦ୍ୟ ସଂସ୍କୃତିର ପ୍ରାଚୀନତା ପ୍ରସ୍ତର ଅସ୍ତ୍ର ଦେବତା ଓ ପିତୃମାନଙ୍କ ସ୍ମୃତିର ସ୍ମାରକୀ ରୂପେ ଶ୍ମଶାନରେ ବୃକ୍ଷ ମୂଳରେ ଉଚ୍ଚଭୂମି ଆଦି ଉପରେ ଶିଳାଖଣ୍ଡ ପୋତି ପୂଜା କରାଯାଉଥିଲା । ଅଦ୍ୟାବଧି ଏହାର ଛାୟା, ଶବର, କନ୍ଧ, କୋହ୍ଲ, ବଣ୍ଡା, ପରଜା, ଗଦବା ଓ ଗଣ୍ଡ ଆଦି ଗୋଷ୍ଠୀରେ ଦେଖିବାକୁ ମିଳିଥାଏ । ନୂତନ ପ୍ରସ୍ତର ଯୁଗରେ ଚିକ୍କଣ ତଥା ମସୃଣ ଅସ୍ତ୍ରଶସ୍ତ୍ରକୁ ଦେବଦେବୀଙ୍କର ପ୍ରତୀକ ରୂପେ ଉତ୍ସର୍ଗ କରାଯାଉଥିଲା । ଉଦାହରଣ ସ୍ୱରୂପ ଶାଳଗ୍ରାମ ପୂଜା ସେ ସମୟରୁ ଆରମ୍ଭ ହୋଇଆସୁଛି । ପୁରାଣମାନଙ୍କରୁ ଜଣାଯାଏ; ଇନ୍ଦ୍ରଦ୍ୟୁମ୍ନଙ୍କ ପୂର୍ବରୁ ଇନ୍ଦ୍ରନୀଳାଖ୍ୟ ବିଗ୍ରହ ପୂଜା ପାଉଥିଲେ । ତାଙ୍କୁ ଦର୍ଶନ କରି ଭୀଲ୍ଲ, ବ୍ରାହ୍ମଣ ପ୍ରଭୃତି ଚତୁର୍ଭୁଜ ହୋଇ ଶ୍ୱେତାଖ୍ୟ ଭବନକୁ ଚାଲିଯାଉଥିବାରୁ ଯମରାଜ ଭଗବାନଙ୍କୁ ତାହା ଅଦୃଶ୍ୟ କରାଇବା ପାଇଁ ଅନୁରୋଧ କରାଇଥିଲେ । ବିଷ୍ଣୁ ପ୍ରତିମା ବାଲୁକା ରାଶିରେ ଅଦୃଶ୍ୟ ହେବା ପରେ ଇନ୍ଦ୍ରଦ୍ୟୁମ୍ନ ତାଙ୍କୁ ସ୍ଥାପନ କରିବା ପୂର୍ବକ ଯାଗଯଜ୍ଞ କରାଇ ଉତ୍କଳ, କଳିଙ୍ଗ, କୋଶଳ ରାଜାଙ୍କ ସାହାଯ୍ୟରେ ମନ୍ଦିର ନିର୍ମାଣ କରି ଶଙ୍କର୍ଷଣ, ସୁଭଦ୍ରା ଓ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ ।

ଆଦିବାସୀ ସଂସ୍କୃତିର ବିକାଶ ପରେ ଜୈନମାନେ ଓଡ଼ିଶାର ଧର୍ମ ଜୀବନର ମୁଖ୍ୟ ସ୍ଥାନ ଅଧିକାର କରିଥିଲେ । ଏମାନେ ମୋକ୍ଷ ବା କୈବଲ୍ୟକୁ ପ୍ରାଧାନ୍ୟ ଦେଇଥିଲେ । ଏହାର ଆଦେର୍ଶର ଜଗନ୍ନାଥ ମନ୍ଦିରର 'କୋଇଲି ବୈକୁଣ୍ଠ' ପ୍ରଧାନ ମୋକ୍ଷ କ୍ଷେତ୍ର ଭାବେ ପରିଚିତ । କ୍ରମେ ପୁରୀ ଶ୍ରୀମନ୍ଦିରରେ ଜୈନ ତୀର୍ଥଙ୍କ ପାଇଁ ରୋହିଣୀ କୁଣ୍ଡ ଓ ବଟବୃକ୍ଷର ସୃଷ୍ଟି ହୋଇଥିବା ବର୍ଣ୍ଣନା ରହିଛି । ପରବର୍ତ୍ତୀ ସମୟରେ ଅଶୋକ ଓ ବୌଦ୍ଧ ଶାସକମାନଙ୍କ ଦ୍ୱାରା ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାରରେ ଏକ ସୁଦୃଢ଼ ଭିତ୍ତି ପ୍ରତିଷ୍ଠିତ ହୋଇ ଜଗନ୍ନାଥଙ୍କ କ୍ଷେତ୍ରରେ ବୁଦ୍ଧଙ୍କର ମୃତାବଶେଷ ପୂଜିତ ହେଉଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତକରେ କଳିଙ୍ଗ ସମ୍ରାଟ ଚେଦି ରାଜା ଅଥବା ଖାରବେଳଙ୍କ ସମୟରେ ଜୀନନାଥ ପୂଜା ବିଶ୍ୱାବସୁ ଶବରଙ୍କ ଜଗନ୍ନାଥ ବା ନୀଳମାଧବ ପୂଜାରୂପ ଓଡ଼ିଶାରେ ପ୍ରଚାରିତ ହୋଇଥିଲା । ସେ ସମୟରେ କ୍ଷେତ୍ରରେ ଯମ, କୁବେର, ବରୁଣ ଆଦିଙ୍କ ପୂଜା ସହିତ ବାସୁଦେବ ବିଷ୍ଣୁଙ୍କର ପୂଜା କରାଯାଉଥିଲା । ଓଡ଼ିଶାରେ କାଳକ୍ରମେ ମାଠର ବଂଶ ବିକାଶ ଲାଭ କରିଥିଲା । କୁଶାଣଙ୍କ ରାଜତ୍ୱ କାଳରେ ଶୈବ, ମିହିର ବା ସୂର୍ଯ୍ୟ ଏବଂ ବାସୁଦେବ-କୃଷ୍ଣଙ୍କ ପୂଜାର ପ୍ରଚଳନ ହୋଇଥିଲା ବୋଲି ଅଶ୍ୱଘୋଷଙ୍କ ଲେଖାରେ ରହିଛି । ମାତ୍ର ଶୈଳୋଦ୍ଭବମାନଙ୍କ ରାଜତ୍ୱ କାଳରେ ବିଦେଶୀୟ କୁଶାଣ ଓ ଦେଶଦ୍ରୋହୀ ମାଠରମାନଙ୍କୁ ପାପୀ କାକ ରୂପେ ବର୍ଣ୍ଣନା କରି, ସେମାନଙ୍କ ବିଷ୍ଣୁଭକ୍ତି ଅଳୀକ ଓ ସେମାନେ ପାପୀ ବୋଲି ଦର୍ଶାଯାଇଥିଲା । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ସୂଚିତ ଶ୍ୱେତଗଙ୍ଗାରେ ସ୍ନାନ କରି ମତ୍ସ୍ୟ ଓ ଶ୍ୱେତ ମାଧବଙ୍କୁ ଦର୍ଶନ କଲେ ପୁଣ୍ୟଫଳ ମିଳେ । ଏଥିରୁ ଜଣାପଡ଼େ ଶ୍ୱେତକାୟ କୁଶାଣମାନଙ୍କ ଦ୍ୱାରା ମତ୍ସ୍ୟ ଅବତାରର ସୃଷ୍ଟି ହୋଇଛି । ଭୌମରାଜାମାନଙ୍କ ସମୟରେ ଶାକ୍ତ ଓ ଶକ୍ତିପୀଠର ପ୍ରତିଷ୍ଠା ହୋଇଥିଲା । ପୁରୁଷୋତ୍ତମ ବିମଳା, କାକଟପୁରରେ ମଙ୍ଗଳା, ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରର ଭୁବନେଶ୍ୱରୀଙ୍କ ପୂଜା ପ୍ରଚଳନ କରାଯାଇଥିଲା । ଭୂୟାଁ ବା ଭୌମବଂଶୀ ନୃପତି ବୌଦ୍ଧ ଥିବାରୁ ଜଗନ୍ନାଥଙ୍କ ମନ୍ଦିରରେ ବୌଦ୍ଧ ତ୍ରିରତ୍ନଙ୍କ ନୂତନ ସଂସ୍ଥାପନା ସହିତ ରଥଯାତ୍ରାର ପ୍ରଚଳନ କରାଯାଇଥିବାର ଅନୁମାନ କରାଯାଏ । ଦାରୁ ଦେବତାଙ୍କର ବିଗ୍ରହର ଅନ୍ୱେଷଣ, ନବବିଗ୍ରହ ନିର୍ମାଣ ପ୍ରବର୍ତ୍ତନ ହୋଇଥିବାର ମଧ୍ୟ ମନେହୁଏ । ଭୌମମାନଙ୍କ ଅବସାନ ପରେ ସୋମବଂଶୀ ଯଯାତି ଉତ୍କଳର ଶାସନର କ୍ଷମତାରେ ଅଧିଷ୍ଠିତ ହେବା ପରେ ଆଦିବାସୀ ଅଧ୍ୟୁଷିତ ଓଡ଼ିଶାରେ ବିଭିନ୍ନ ପୂଜାର ସମନ୍ୱୟତାକୁ ବଜାୟ ରଖି ଜଗନ୍ନାଥଙ୍କ ପ୍ରତିମା ଶୂନ୍ୟ ମନ୍ଦିରରେ ତ୍ରିରତ୍ନ ସ୍ଥାନରେ ବିଗ୍ରହ ପ୍ରତିଷ୍ଠା କରି ରାଜା ଇନ୍ଦ୍ରଭୂତି ସମସ୍ତ ଧର୍ମାବଲମ୍ବୀ ଓ ଆଦିବାସୀ ସମାଜକୁ ସମ୍ମାନ ଜଣାଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ ।

ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଥିଲା । ଦିଲ୍ଲୀର ପୃଥ୍ୱୀରାଜ ଓ କନୌଜର ଜୟଚନ୍ଦ୍ରଙ୍କ ନିଧନ ପରେ ରଣଦୃପ୍ତ ବିଜୟୀ ମୁସଲମାନ ସେନା ପ୍ରାୟ ଦଶ ବର୍ଷ ମଧ୍ୟରେ ଉତ୍କଳର ଉତ୍ତର ସୀମା ଗଙ୍ଗା ନଦୀ ପର୍ଯ୍ୟନ୍ତ ନିଜର ଆଧିପତ୍ୟ ବିସ୍ତାର କରିନେଲେ । ତତ୍‌ପରେ ସେମାନେ ଉତ୍କଳ ଅଧିକାର କରିବା ପାଇଁ ବାରମ୍ବାର ପ୍ରୟାସ କରିଥିଲେ । ସାହସ ଓଡ଼ିଆ ପାଇକ ସେନାର ପ୍ରବଳ ପ୍ରତିରୋଧ ଯୋଗୁଁ ସେମାନଙ୍କର ଉଦ୍ୟମ ବ୍ୟର୍ଥ ହେଲା । ପ୍ରଖ୍ୟାତ ଯଶ ଅନଙ୍ଗ ଭୀମଦେବ ବଙ୍ଗ ଦେଶ ଆକ୍ରମଣ କରି ମୁସଲମାନ ସେନାଙ୍କୁ ପରାସ୍ତ କଲେ । ସେ ସମଗ୍ର ଓଡ଼ିଶା ଜାତିକୁ ଦେଶ ପ୍ରାଣତାରେ ଉଦ୍‌ବୁଦ୍ଧ କଲାପରେ ନିଜର ବିରାଟ ସାମ୍ରାଜ୍ୟକୁ ଶ୍ରୀ ପୁରୁଷୋତ୍ତମଙ୍କ ପାଦତଳେ ନିଜକୁ ଉତ୍ସର୍ଗ କରି ତାଙ୍କର ପ୍ରତିନିଧି ଭାବରେ ନିଜକୁ ଘୋଷଣା କରିଥିଲେ । ସେହି ସମୟ ପର ଠାରୁ ଅଦ୍ୟାବଧି ଉତ୍କଳ ଭୂମିକୁ ପୁରୁଷୋତ୍ତମ କ୍ଷେତ୍ର କୁହାଯାଉଛି । ସେ ସମୟରେ ସଂସ୍କୃତ, ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ପ୍ରଭୃତି ଭାଷାରେ ଶ୍ରୀଜଗନ୍ନାଥଙ୍କ ମହିମା ଗାନ ଉଦ୍ଦେଶ୍ୟରେ ରଚିତ ହୋଇଥିବାର ବହୁ ପ୍ରମାଣ ମିଳେ । ମୁସଲମାନ ରାଜତ୍ୱ କାଳରେ ନାୟବ ନାଜୀବ ମହମ୍ମଦ ତର୍କୀ ଖାଁଙ୍କ ପ୍ରବଳ ଆକ୍ରମଣ ଫଳରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଗଞ୍ଜାମର ମେରଦା ଗ୍ରାମରେ ଦୁଇ ବର୍ଷ କାଳ ସ୍ଥାନାନ୍ତରିତ ହୋଇଥିଲେ । ଫଳରେ ତୀର୍ଥଯାତ୍ରୀଙ୍କର ଆଗମନ ବନ୍ଦ ହୋଇଯାଇଥିଲା ଶ୍ରୀକ୍ଷେତ୍ରକୁ ସାରା ଭାରତବର୍ଷରୁ । ସେମାନଙ୍କ ଠାରୁ ଆଦାୟ ହେଉଥିବା ଲକ୍ଷ ଲକ୍ଷ ଟଙ୍କାର ଯାତ୍ରୀ କର ଦୋହଲାଇ ଦେଇଥିଲା । ତେଣୁ ପରବର୍ତ୍ତୀ ଶାସକ ମୁର୍ଶିଦ କୁଲିଖାଁ ଆଠଗଡ଼ ରାଜାଙ୍କୁ ଅନୁରୋଧ କ୍ରମେ ୧୭୩୫ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକ୍ଷେତ୍ରକୁ ଫେରାଇ ଆଣିଥିଲେ ସେହି ସମୟ ଠାରୁ ଶ୍ରୀଜଗନ୍ନାଥ ମହାପ୍ରଭୁ ଅଦ୍ୟାବଧି ପୁରୁଷୋତ୍ତମ କ୍ଷେତ୍ରରେ ରହି ଆସୁଛନ୍ତି ।

ବିଭିନ୍ନ ଗବେଷକଙ୍କ ମତ ଅନୁସାରେ ପ୍ରଭୁ ଶ୍ରୀଜଗନ୍ନାଥ ଶାବର, ବୈଦିକ, ବ୍ରାହ୍ମଣ, ବୌଦ୍ଧ, ଜୈନ ଏପରି ବହୁ ଧର୍ମ ବା ସଂସ୍କୃତିର ସମନ୍ୱୟର ପ୍ରତୀକ । ଜଗନ୍ନାଥ ଶବ୍ଦର ଅର୍ଥ ଜଗତର ନାଥ ବେଣୀ ମାଧବ ପାଢ଼ୀଙ୍କ ଦାରୁଦେବତା ଗ୍ରନ୍ଥରୁ ସୂଚନା ମିଳେ । ଶବରମାନଙ୍କ 'ଜଗନ୍ତ' ଶବ୍ଦରୁ ଜଗନ୍ନାଥଙ୍କ ନାମର ସୃଷ୍ଟି । 'ଜଗନ୍ତ' ଏକ ବୃକ୍ଷର ନାମ ପରବର୍ତ୍ତୀ କାଳରେ ଦାରୁ ବୋଲି ବିବେଚନା କରାଯାଇଛି । ତେଣୁ ଯେଉଁ ବୃକ୍ଷ ବା ଦାରୁକୁ ସେମାନେ ଜଗନ୍ତ ନାମରେ ଆଖ୍ୟା ଦେଉଥିଲେ ସେହି ବୃକ୍ଷକୁ ପୂଜା ମଧ୍ୟ କରୁଥିଲେ । ତେଣୁ ଜଗନ୍ନାଥଙ୍କୁ ଦାରବ୍ରହ୍ମ ବୋଲି ମଧ୍ୟ କୁହାଯାଏ । ତନ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ଭୈରବ ବୋଲି କୁହାଯାଇଛି । ଜଗନ୍ନାଥ ଭୈରବ ହେଲେ ବଳଭଦ୍ର ଓ ସୁଭଦ୍ରାଙ୍କୁ ଉତ୍ତର ସାଧକ ଭାବରେ ଗ୍ରହଣ କରାଯାଇଛି । ସାଧକର ସାଧନାରେ ତ୍ରୁଟି ରହିଲେ ଉତ୍ତର ସାଧକ ହିଁ ତାହା ପରିମାର୍ଜିତ କରିଥାଏ । ଶ୍ରୀଜଗନ୍ନାଥଙ୍କ ନିକଟରେ ପଞ୍ଚ 'ମ' କାର ଯଥା- ମଦ୍ୟ, ମତ୍ସ୍ୟ, ମାଂସ, ମୈଥୁନ, ମୁଦ୍ରା ଆଦି ନୈବେଦ୍ୟ ହୋଇଥାଏ । ନୂଆ ଓଳିରେ ଜାଇ ଫଳ ଘୋରା ପାଣି ଅଥବା କାଂସ୍ୟ ପାତ୍ରରେ ପଇଡ଼ ଜଳ ମଦର ଅନୁରୂପ, ସେହିପରି ମାଂସ ବଦଳରେ ବିରିପିଠା, ମାଛ ବଦଳରେ ଅଦା ଗୁଡ଼ ବା ଶାକ ଏବଂ ଦିବସର ସମସ୍ତ ନୀତି ପରେ ବଡ଼ ଶୃଙ୍ଗାର ବେଶ ବେଳେ ଲାସ୍ୟ ସଙ୍ଗୀତ ମୈଥୁନ ଉପଚାର କରାଯାଇଥାଏ । ବୈଷ୍ଣବମାନଙ୍କ ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ସାମ୍ନାରେ ମେଣ୍ଢା ମୁଣ୍ଡ ବଢ଼ା ନ ଯାଇ ଅଦା, ହେଙ୍ଗୁ, ଖେଚୁଡ଼ି ମିଶି ଥାଳୀରେ ମେଣ୍ଢା ମୁଣ୍ଡିଆ ଖେଚୁଡ଼ି ବଢ଼ାଯାଇଥାଏ । ତନ୍ତ୍ରରେ ଦେବତାଙ୍କ ସାଙ୍କେତିକ ଚିହ୍ନ ହେଉଛି ତ୍ରିକୋଣ । ସ୍ଥୁଳରୁ ସୂକ୍ଷ୍ମକୁ ଏବଂ ସୂକ୍ଷ୍ମରୁ ସ୍ଥୁଳକୁ ଷଟ୍ କୋଣ ତନ୍ତ୍ର କୁହାଯାଏ । ଏହି ଷଟ୍ କୋଣରେ ସୃଷ୍ଟିର ବୀଜ ଲୁକାୟିତ । ମହାଶକ୍ତି (ବ୍ରହ୍ମ) ଏହି ଚକ୍ରକୁ ଘୁରାଇଥାନ୍ତି ।

ବିଭିନ୍ନ ଧର୍ମ ମତବାଦର ଊର୍ଦ୍ଧ୍ୱେର ଶ୍ରୀଜଗନ୍ନାଥ ଉତ୍କଳର ଜାତୀୟ ଦେବତା ରୂପେ ପରିଚିତ । ଓଡ଼ିଶାର ଅଧିକାଂଶ ଯାତ୍ରା ମହୋତ୍ସବ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଅନୁଷ୍ଠିତ ହୋଇଥାଏ । ତନ୍ମଧ୍ୟରୁ ପଣା ସଂକ୍ରାନ୍ତି, ଦମନକ ଏକାଦଶୀ, ଅକ୍ଷୟ ତୃତୀୟା, ନୀଳାଦ୍ରି ମହୋଦୟ ଉତ୍ସବ (ବୈଶାଖରେ), ନୃସିଂହ ଚତୁର୍ଦ୍ଦଶୀ, ରାଜେନ୍ଦ୍ରାଭିଷେକ, ରୁକ୍ମିଣୀ ହରଣ ଏକାଦଶୀ, ଚମ୍ପକ ଦ୍ୱାଦଶୀ, ସ୍ନାନ ଯାତ୍ରା, ଅନବସର, ନେତ୍ରୋତ୍ସବ (ଜ୍ୟେଷ୍ଠ ମାସରେ), ଗୁଣ୍ଡିଚା ଯାତ୍ରା, ନବଦିନ ଯାତ୍ରା, ହେରା ପଞ୍ଚମୀ, ଶୟନ ଏକାଦଶୀ, ଗରୁଡ଼ ଶୟନ ଦ୍ୱାଦଶୀ, ବାହୁଡ଼ା ଯାତ୍ରା (ଆଷାଢ଼ ମାସରେ), କର୍କଟ ସଂକ୍ରାନ୍ତି, ଚିତାଲାଗି ଅମାବାସ୍ୟା, ପବିତ୍ରାଧିବାସ, ଝୁଲଣଯାତ୍ରା, ଗହ୍ମା ପୂର୍ଣ୍ଣିମା, ରେଖା ପଞ୍ଚମୀ (ଶ୍ରାବଣ ମାସରେ), ରାହୁରେଖା ଲାଗି, ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ସପ୍ତପୁରିକା ଅମାବାସ୍ୟା, ଗଣେଶ ଚତୁର୍ଥୀ, ଋଷି ପଞ୍ଚମୀ, ବାମନ ଜନ୍ମ, ଅନନ୍ତ ଚତୁର୍ଦ୍ଦଶୀ ଓ ଇନ୍ଦ୍ର ଗୋବିନ୍ଦ ପୂଜା (ଭାଦ୍ରବ ମାସରେ), ଷୋଳ ପୂଜା, ଦ୍ୱିତୀୟା ଓଷା, ଦଶହରା, କୁମାର ପୂର୍ଣ୍ଣିମା (ଆଶ୍ୱିନ ମାସରେ), ତୁଳା ସଂକ୍ରାନ୍ତି, ଉତ୍ଥାନ ଏକାଦଶୀ, ଗରୁଡ଼ ଉତ୍ଥାନ ଦ୍ୱାଦଶୀ, ଦୀପାବଳୀ ଓ କାର୍ତ୍ତିକ ପୂର୍ଣ୍ଣିମା (ଫାଲ୍ଗୁନ ମାସରେ), ଅଶୋକାଷ୍ଟମୀ ଓ ଶ୍ରୀରାମ ନବମୀ (ଚୈତ୍ର ମାସରେ) ଅନୁଷ୍ଠିତ ହୁଏ ।

ପ୍ରଭୁ ଶ୍ରୀଜଗନ୍ନାଥ ଜ୍ୟେଷ୍ଠ ପୂର୍ଣ୍ଣିମାରେ ହାତୀ ବେଶ, ଆଷାଢ଼ ଶୁକ୍ଳ ଏକାଦଶୀରେ ସୁନାବେଶ, ଭଦ୍ର କୃଷ୍ଣ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ବଣଭୋଜି ବେଶ, କାଳୀୟ ଦଳନ, ପ୍ରଳମ୍ବାସୁର ବଧ ଓ ବଳରାମ ବେଶ ହୋଇଥାନ୍ତି । ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ବଳି ବାମନ ବେଶ, ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶର୍ମୀ ପର୍ଯ୍ୟନ୍ତ ରାଧା ଦାମୋଦର ବେଶ, କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଠିଆ କିଆ, ବାଙ୍କ ଚୂଡ଼ା, ଆଡ଼କିଆ, ଡାଳ କିଆ ଓ ଗଜ ବେଶ ହୋଇଥାନ୍ତି । ପୌଷ ପୂର୍ଣ୍ଣିମାରେ ରାଜା ବେଶ, ମାଘ ଶୁକ୍ଳ ଦ୍ୱିତୀୟାରେ ପଦ୍ମ ବେଶ, ମାଘ ପୂର୍ଣ୍ଣିମୀରେ ଗଜ ଉଦ୍ଧାରଣ ଏବଂ ଫାଲ୍ଗୁନ ପୂର୍ଣ୍ଣିମୀରେ ରାଜା ବେଶ ଧାରଣ କରିଥାନ୍ତି । ବିଭିନ୍ନ ବେଶ ସହ ବିଭିନ୍ନ ଯାତ୍ରା ମହୋତ୍ସବର ବିଧିବିଧାନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୁଏ । ଯାହା ଓଡ଼ିଆ ଜାତିର ମହନୀୟତା, ସାଂସ୍କୃତିକ ଚେତନା ଓ ଜୀବନ ବୈଚିତ୍ର୍ୟକୁ ଜନ ସାଧାରଣଙ୍କ ଭିତରେ ଏକତ୍ୱ ବନ୍ଧନରେ ବାନ୍ଧି ରଖିବାର ଚେତନାକୁ ପ୍ଲାବିତ କରେ । ଶ୍ରୀଜଗନ୍ନାଥ ଚେତନା ବିଶ୍ୱ ମୈତ୍ରୀର ପ୍ରଚାର, ଶିଳ୍ପ, କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳ ନେତୃତ୍ୱ ନେଇପାରିଛି । ଶ୍ରୀ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା, ବୈଶାଖ ମାସ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରି ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ଏକୋଇଶି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ଏହି ଉତ୍ସବରେ ଶ୍ରୀଜଗନ୍ନାଥଙ୍କ ବିଜୟ ପ୍ରତିମା ମଦନ ମୋହନ, ଲକ୍ଷ୍ମୀ ଓ ସତ୍ୟଭାମାଙ୍କ ସହିତ ପ୍ରତି ଦିନ ଶ୍ରୀମନ୍ଦିରରୁ ନରେନ୍ଦ୍ର ପୋଖରୀ ପର୍ଯ୍ୟନ୍ତ ବିଜେ କରିଥାନ୍ତି । ଏହି ଉତ୍ସବରେ ଭୋଗ ରାଗ ସହ ଅଗ୍ନି, ନୈର୍ଋତ, ବାୟୁ, ଐଶାନ୍ୟ କୋଣ ସହିତ ପୁଷ୍କରିଣୀରେ ସାତ ଭଉଁରୀ କରାଯାଇଥାଏ । ସ୍ନାନ ଯାତ୍ରାରେ ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତି ସ୍ନାନଙ୍କୁ ସ୍ନାନ ବେଦୀରେ ଅଷ୍ଟୋତ୍ତର ଶତକୁମ୍ଭ ଜଳରେ ସ୍ନାନ କରାଯାଏ । ସ୍ନାନ ପରେ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ କରାଯାଇଥାଏ । ଏହି ଉତ୍ସବର ଶେଷ ପର୍ଯ୍ୟାୟ ପରେ ଅନବସର ସଂସ୍କାର ଯଥାବିଧି ଅନୁସାରେ ପାଳନ କରାଯାଇଥାଏ । ରଥଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟ ପୁଷ୍ୟା ନକ୍ଷତ୍ରରେ ଅନୁଷ୍ଠିତ ହୋଇଥାଏ । ଅକ୍ଷୟ ତୃତୀୟା ଠାରୁ ତିନି ରଥର ନିର୍ମାଣ ଆରମ୍ଭ ହୁଏ । ଜଗନ୍ନାଥଙ୍କ ରଥକୁ ନନ୍ଦିଘୋଷ, ଚକ୍ର ଓ ଗରୁଡ଼ ଅଗ୍ର ଭାଗରେ ଥିବାରୁ ଚକ୍ର ଧ୍ୱଜ ଅଥବା ଗରୁଡ଼ ଧ୍ୱଜ କୁହାଯାଏ । ଉଚ୍ଚତା ତେଇଶି ହାତ, ଅଠରଟି ଚକ ସହିତ ସମ୍ପୂର୍ଣ୍ଣ ରଥଟି ପୀତବର୍ଣ୍ଣ ବସ୍ତ୍ରରେ ଆବୃତ୍ତ ହୋଇଥାଏ । ରକ୍ଷକ-ନୃସିଂହ-ସାରଥୀ-ମାତଳି, ଚେଟିକା, ମୋଚିକା, ସୂକ୍ଷ୍ମା, ଅମୃତା ରହିଥାନ୍ତି । ସମ୍ମୁଖ ଭାଗରେ ଇନ୍ଦ୍ର, ବ୍ରହ୍ମା ଓ ସପ୍ତର୍ଷିଙ୍କ ଦ୍ୱାରା ରଥ ମଣ୍ଡିତ ହୋଇଥାଏ । ବଳଭଦ୍ରଙ୍କ ରଥର ଶୀର୍ଷେର ତାଳ ଚିହ୍ନ ଥିବାରୁ ଏହା ତାଳଧ୍ୱଜ ନାମରେ ନାମିତ । ଉଚ୍ଚତା ବାଇଶି ହାତ । ଷୋହଳଟି ଚକ ସହିତ ସମ୍ପୂର୍ଣ୍ଣ ରଥଟି ନୀଳ ବସ୍ତ୍ରରେ ଆବୃତ୍ତ ହୋଇଥାଏ । ସାମ୍ନା ଭାଗରେ ରୁଦ୍ର-ସାତ୍ୟକି

ଓ ଅଷ୍ଟ ବସୁ ରହିଥାନ୍ତି । ଏଥିରେ ରକ୍ଷକ ଶେଷ ଓ ସାରଥି ସୁଦ୍ୟୁମ୍ନ-ସ୍ଥିରା-ଧୃତି-ସ୍ମିତି-ସିଦ୍ଧା ରହିଥାନ୍ତି । ସୁଭଦ୍ରାଙ୍କ ରଥର ନାମ ପଦ୍ମଧ୍ୱଜ ଓ ଦେବଦଳନ । ଏହାର ଉଚ୍ଚା ଏକୋଇଶି ଚତୁର୍ଦ୍ଦଶ ଭୁବନର ପ୍ରତୀକ ଭାବେ ଚଉଦଟି ଚକ ରହିଥାଏ । କୃଷ୍ଣ ବର୍ଣ୍ଣ ବସ୍ତ୍ରରେ ସଜ୍ଜିତ ହୋଇଥାଏ । ଏଥିରେ ରକ୍ଷକ ଭାବେ ବନ ଦୁର୍ଗା ସାରଥି, ଅର୍ଜ୍ଜୁନ-ଅଧର୍ମ-ଅଞ୍ଜନ-ଅପରାଜିତା ଓ ଜ୍ୟୋତିନୀ ନାମରେ ରହିଥାନ୍ତି । ସମ୍ମୁଖରେ ଶ୍ରୀଦେବୀ, ଭୂଦେବୀ ଓ ଅଷ୍ଟ ଭୈରବୀ ରହିଥାନ୍ତି । ଏଥି ସହିତ ପହଣ୍ଡି ବିଜେ-ରଥଟଣା-ହେରାପଞ୍ଚମୀ-ସନ୍ଧ୍ୟା ଦର୍ଶନ-ଦକ୍ଷିଣ ମୋଡ଼-ବାହୁଡ଼ା ଯାତ୍ରା-ଲକ୍ଷ୍ମୀ ନାରାୟଣ ଭେଟ ଓ ନୀଳାଦ୍ରୀ ବିଜେ ପ୍ରଭୃତି ଉତ୍ସବ ଅତ୍ୟନ୍ତ ଉଲ୍ଲାସର ସହିତ ସମାପନ କରାଯାଇଥାଏ ।

**ଝୁଲଣ ଯାତ୍ରା :**

ଶ୍ରାବଣ ସଂକ୍ରାନ୍ତି ଶୁକ୍ଳପକ୍ଷ ଦ୍ୱିତୀୟା ଠାରୁ ଭାଦ୍ରବ ମାସ କୃଷ୍ଣପକ୍ଷ ଦ୍ୱିତୀୟା ଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଏହାକୁ ସନ୍ଧ୍ୟା କାଳରେ ଶ୍ରୀ ବିଗ୍ରହଙ୍କ ବିଜୟ ପ୍ରତିମାକୁ ବିମାନରେ ନେଇ ଚତୁଃପାର୍ଶ୍ୱ ପ୍ରଦକ୍ଷଣ କଲାପରେ ଦୋଳିରେ ବସାଯାଏ । ପୂଜା ଆଳତି ସହିତ ଯାତ୍ରା ଶେଷ ଦିନରେ ମନ୍ଦିରରେ ବିଜେ କରାଯାଏ । 'ନୀଳାଦ୍ରି ମହୋଦୟ'ରେ ଶ୍ରାବଣ ପୂର୍ଣ୍ଣିମା ଦିବସଟି ଶ୍ରୀ ବଳଭଦ୍ର ଦେବଙ୍କ ଜନ୍ମଦିବସ ରୂପେ ବର୍ଣ୍ଣିତ ହୋଇଛି ।

**ଜନ୍ମାଷ୍ଟମୀ :**

ଭାଦ୍ରବ ମାସ ରୋହିଣୀ ନକ୍ଷତ୍ରଯୁକ୍ତ କୃଷ୍ଣ ଅଷ୍ଟମୀରେ ଜନ୍ମାଷ୍ଟମୀ ପର୍ବ ପାଳିତ ହୁଏ । ଏହି ତିଥିରେ ଜଗନ୍ନାଥ ଶ୍ରୀକୃଷ୍ଣ ନିଷଣ୍ଡର୍ଦ୍ଧର ଜନ୍ମ ଗ୍ରହଣ କରିଥିବାରୁ ଏହାର ନାମ ଶ୍ରୀକୃଷ୍ଣ ଜୟନ୍ତୀ ରୂପେ ଅବିହିତ । ଚନ୍ଦ୍ରୋଦୟ କାଳରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯାଇ ପୂଜା ରୂପେ ଚନ୍ଦ୍ରାର୍ଘ୍ୟ ଦାନ ଓ ଯାତ୍ରାଦି ଅନୁଷ୍ଠିତ ହୁଏ । ବ୍ରତାଚାରୀମାନେ ଏହି ଦିନ ଉପବାସ କରିଥାନ୍ତି । ରାତିରେ ଗୀତ ନୃତ୍ୟ ଦ୍ୱାରା ଶ୍ରୀକୃଷ୍ଣଙ୍କ ବାଲ୍ୟ କ୍ରୀଡ଼ା ସ୍ମରଣ ପୂର୍ବକ ଉଜାଗର ରହନ୍ତି । ନୀଳାଦ୍ରି ମହୋଦୟରେ ଉଲ୍ଲେଖ ଅନୁଯାୟୀ ଜନ୍ମାଷ୍ଟମୀ ଦିନ ତିନି ଠାକୁରଙ୍କ ସ୍ନାନାଦି ନିତ୍ୟ କର୍ମ ପରେ ସନ୍ଧ୍ୟାରେ ବସ୍ତ୍ର ଦ୍ୱାରା ସୂତିକା ଗୃହ ପରିକଳ୍ପିତ ହୁଏ । ସେଠାରେ ଛତିଶିଟି କୋଠି ସହିତ ମଧ୍ୟ ଭାଗରେ ପଦ୍ମାକୃତି ଅଙ୍କନ କରାଯାଇ ବିଭିନ୍ନ ରଙ୍ଗର ମୁରୁଜରେ ଚିତ୍ରିତ ହୁଏ । ଶ୍ରୀକୃଷ୍ଣଙ୍କ ଜନ୍ମପରେ ହରିଦ୍ରାଜଳରେପାଦପ୍ରକ୍ଷାଳନ,ଆୟୁର୍ବେଦୀୟରୀତିରେ ପ୍ରସ୍ତୁତ ବଟିକା ସମର୍ପଣ କରାଯାଏ । ଶ୍ରୀକୃଷ୍ଣଙ୍କୁ ଯମୁନା ପାର ହେବା କାର୍ଯ୍ୟ, ନାଡ଼ୀ ଛେଦନାଦି କାର୍ଯ୍ୟ, ଷଷ୍ଠ ଦେବୀ ପୂଜା, ନାମକରଣ, ବହିର୍ନିଷ୍କ୍ରମଣ, ଅନ୍ନ ପ୍ରଶାନ, ଚୂଡ଼ା କରଣ, କେର୍ଣ୍ଣବାଧ, ଯଜ୍ଞୋପବୀତ ଗ୍ରହଣାଦି ବିଧିମାନ ଅନୁଷ୍ଠିତ ହୁଏ । ଏହା ପରେ ରାମ ଓ କୃଷ୍ଣଙ୍କୁ ଦୋଳାରେ ଶୟନ କରାଯାଏ । ନବମୀ ଦିନ ଦୁର୍ଗାଙ୍କ ଜନ୍ମ ନିମିତ୍ତ ସୁଭଦ୍ରାଙ୍କୁ ନବମୀ ଦିନ ଶ୍ରୀମନ୍ଦିରରେ ନନ୍ଦୋତ୍ସବ ପାଳିତ ହୁଏ ।

**ବିଜୟା ଦଶମୀ :**

ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀରେ ବିଷ୍ଣୁଙ୍କର ବିଜୟୋତ୍ସବ ପାଳିତ ହୁଏ । ଏହି ଦିନ ସ୍ନାନାଦି କ୍ରିୟା ସମାପନ ସମାପନାନ୍ତେ ଦେବୀଙ୍କ ସହିତ ଶସ୍ତ୍ର ଓ ଶାସ୍ତ୍ରାଦିର ଶୁଭଲଗ୍ନରେ ଅଭ୍ୟର୍ଥନା କରାଯାଏ । ନବବସ୍ତ୍ର, କଜ୍ଜ୍ୱଳ, ସିନ୍ଦୁର, ଅଳଙ୍କାର, ଗନ୍ଧପୁଷ୍ପାଦି ଦ୍ୱାରା ଦେବୀଙ୍କ ପୂଜା କରିବା ପରେ ଯାତ୍ରା ମଣ୍ଡପରେ କୃଷ୍ଣଙ୍କୁ ସ୍ଥାପନ କରି ପୀଠ ଉପରେ ହରିଦ୍ରା ଓ ଅକ୍ଷତ ଦ୍ୱାରା ଅପରାଜିତା, ବିଜୟା ଓ ଜୟା ଦେବୀ ତ୍ରୟ ଉଲ୍ଲେଖ କରାଯାଇ ପୂଜା କରାଯାଏ । ଶ୍ରୀମନ୍ଦିରରେ ଦୁର୍ଗା ମାଧବଙ୍କ ପୂଜା ନିମିତ୍ତ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରାଯାଏ । ନୃତ୍ୟ, ଗୀତ, ବାଦ୍ୟାଦି ଦ୍ୱାରା ମନ୍ଦିର ପ୍ରଦକ୍ଷିଣ ପରେ ବନ୍ଦାପନାଦି ଦ୍ୱାରା ସମାହିତ କରାଯାଏ ।

**ରାସପୂର୍ଣ୍ଣିମା :**

କାର୍ତ୍ତିକ ମାସର ଏକାଦଶୀ ଠାରୁ ପୂର୍ଣ୍ଣିମା ବିଧି ଶ୍ରୀଜଗନ୍ନାଥ ରାସୋତ୍ସବ ପାଳିତ ହୁଏ । ଏହା ଭୀଷ୍ମ ପଞ୍ଚୁକ ନାମରେ ଅଭିହିତ ମଧ୍ୟ କରାଯାଇଥିବା କଥା ପଦ୍ମ ପୁରାଣରେ ବର୍ଣ୍ଣିତ ରହିଛି । ପୂର୍ଣ୍ଣିମୀ ଦିନ ଲକ୍ଷ୍ମୀ ଦାମୋଦରଙ୍କ ପୂଜା ପରେ ନାରାୟଣଙ୍କ ପ୍ରତିକୃତି ନେଇ ଶ୍ରୀଜଗନ୍ନାଥଙ୍କ ଠାରେ ଦୀପ ଉତ୍ସବ କରାଯାଏ । ବାଦ୍ୟ ଧ୍ୱନି, ସ୍ତୁତି ଓ ପ୍ରାର୍ଥନା ମଧ୍ୟରେ ଠାକୁରଙ୍କୁ ନୃତ୍ୟ ମଣ୍ଡପରେ ସ୍ନାନ ଚନ୍ଦନ ଲେପ ଓ ନାନା ଉପଚାରରେ ପୂଜା ପାଳନ କରାଯାଏ ।

**ପ୍ରାବରଣ ଉତ୍ସବ :**

ମାର୍ଗଶୀର ମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପ୍ରାବରଣୋତ୍ସବ ଅନୁଷ୍ଠିତ ହୁଏ । ପୂର୍ବ ଦିନ ଚତୁର୍ଥ ପ୍ରହର ପୂଜା ପରେ ଚବିଶ ପ୍ରକାର ଉପଚାର ଦ୍ୱାରା ତିନି ଠାକୁରଙ୍କ ପୂଜା କରାଯାଏ । ପ୍ରତ୍ୟେକ ପତ୍ରରେ ଶୁକ୍ଳ, ରକ୍ତ, କୃଷ୍ଣ ବସନମାନ ସଜ୍ଜିତ ହୁଏ । ତିନି ଠାକୁରଙ୍କ ସମ୍ମୁଖରେ ଥିବା ପାତ୍ରରେ ସାତଟି ନୂତନ ଶୁକ୍ଳ ଓ ଚିତ୍ରିତ ରଙ୍ଗର ଏକୋଇଶି ଖଣ୍ଡ ନୂତନ ବସ୍ତ୍ର ଅଙ୍ଗାବରଣ ନିମିତ୍ତ ଯଥାବିଧି ସଂରକ୍ଷିତ ହୁଏ । ଏହା ପରେ ଅଧିବାସରେ ତିନି ଠାକୁରଙ୍କ ସହିତ ଗଣେଶ, ଦିକପାଳ, କ୍ଷେତ୍ର ପାଳ, ମହାଦେବ ଓ ଦୁର୍ଗାଙ୍କୁ ପୂଜା କରାଯାଏ । ସେହି ଦିନ ନାନା ପ୍ରକାର ପିଠା ଭୋଗ କରାଯାଏ ।

**ପୁଷ୍ୟାଭିଷେକ :**

ପୌଷ ମାସ ଶୁକ୍ଳ ପୂର୍ଣ୍ଣିମା ତିଥିରେ ଶ୍ରୀଜଗନ୍ନାଥଙ୍କ ଅଭିଷେକ ଉତ୍ସବ ପାଳିତ ହୁଏ । ଶ୍ରୀଜଗନ୍ନାଥଙ୍କର ନିତ୍ୟ ପୂଜା ପରେ ନୂତନ ବସ୍ତ୍ର, ଭୂଷଣ, ଗନ୍ଧ ପୁଷ୍ପାଦି ଦ୍ୱାରା ଠାକୁରଙ୍କୁ ବେଶ କରାଇ ଯାତ୍ରା ମଣ୍ଡପକୁ ନିଆଯାଏ । ସେଠାରେ ବରୁଣ ପୂଜା, ସ୍ୱସ୍ତି ବାଚନ, ମଙ୍ଗଳା ରୋପଣ, ଯଜ୍ଞୋପବୀତ ସମର୍ପଣ, ହୋମ, ଆରାତିକାଦି ବିଧିରେ ବିଜେ ପ୍ରତିମା ଓ ଖଡ୍ଗ ପୂଜା ପରେ ଯଜ୍ଞୋପବୀତ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଓ ପରେ ଯାତ୍ରା ମଣ୍ଡପରେ ଯଥାବିଧି ଉପଚାର ସହିତ ରାଜାଙ୍କୁ ଅର୍ପଣ କରାଯାଏ । ଲୋକ କଥା ରହିଛି ଏହି ଅଭିଷେକ ଉତ୍ସବ ଦର୍ଶନରେ ପାପ ବିନିର୍ମୁକ୍ତ ହୋଇ ବୈଷ୍ଣବ ଧାମ ଲାଭ କରନ୍ତି ।

**ମକରୋତ୍ସବ :**

ଶ୍ରୀମନ୍ଦିରରେ ଦକ୍ଷିଣାୟନ ଓ ଉତ୍ତରାୟଣ ଯାତ୍ରା ପାଳିତ ହୁଏ । ମକର ସଂକ୍ରାନ୍ତି ଦିନ କରିବା ବିଧି ରହିଛି । ଏହି ଦିନ ଆମିଷା, ଦଧି, ଦୁଗ୍ଧ, ଶର୍କରା, ଘୃତ, କଦଳୀ, ନାରୀକେଳ, ଅଦା, କର୍ପୁର, ଲବଙ୍ଗ, ଜାତି କୋଷକ (ଜାଇ ଫଳ) ତଣ୍ଡୁଳ, ଇକ୍ଷୁ ରସାଦି ଦ୍ୱାରା ମକର ତଣ୍ଡୁଳ ପ୍ରସ୍ତୁତ କରାଯାଏ ଏବଂ ମହାପ୍ରଭୁଙ୍କୁ ଭୋଗ କରାଯିବା ପରେ ପ୍ରସାଦ ରୂପେ ଗ୍ରହଣ କରାଯାଏ ।

**ଦୋଳଯାତ୍ରା :**

ଫାଲ୍ଗୁନ ଦଶମୀ ଠାରୁ ପୂର୍ଣ୍ଣିମା ୬ ଦିନ ବ୍ୟାପୀ ଦୋଳଯାତ୍ରା ପାଳିତ ହୁଏ । ପୂର୍ଣ୍ଣିମା ଦିନ ନିତ୍ୟ ଅର୍ଚ୍ଚନାନ୍ତର ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଦୋଳ ଗୋବିନ୍ଦ ଦୋଳ ମଣ୍ଡପକୁ ବିଜେ କରନ୍ତି । ଠାକୁରଙ୍କୁ ବିମାନରେ ନେଇ ମନ୍ଦିର, ଦେଳ ବେଦୀ ଓ ମଣ୍ଡପ ରେ ସାତ ଥର କରି ଏକୋଇଶ ବାର ପରିକ୍ରମା କରାଯିବାର ବିଧାନ ରହିଛି । ଦୋଳିରେ ଦେବ ଦର୍ଶନ କଲେ ଲୋକ ସଂସାରରୁ, ବନ୍ଧନରୁ ମୁକ୍ତି ଲାଭ କରାଯାଇଥାଏ ।

**ଦମନକ ଯାତ୍ରା :**

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଦମନକାର୍ପଣ ଉତ୍ସବ ଅନୁଷ୍ଠିତ ହୁଏ । ଏହାର ପୂର୍ବ ଦିନରୁ ଶ୍ରୀଜଗନ୍ନାଥଙ୍କ ବିଜୟ ପ୍ରତିମାଙ୍କୁ ଦମନକ ବାଟିକାରେ ପୂଜାର୍ଚ୍ଚନା ପରେ ଦମନକ ହରଣ କାର୍ଯ୍ୟ କରାଯାଇଥାଏ । ସେହି ଦମନକ ଶୁଦ୍ଧ ସ୍ଥାନରେ ସଂରକ୍ଷିତ ହୁଏ । ଚତୁର୍ଦ୍ଦଶୀ ଦିନ ନିତ୍ୟ ପୂଜା ପରେ ମହାପୂଜା ଏବଂ ପରେ ପଞ୍ଚମହାଘୋଷ ମଧ୍ୟରେ ଶ୍ରୀଜଗନ୍ନାଥଙ୍କୁ ଦମନକ ମାଳା ଅର୍ପଣ କରାଯାଏ । ଏଥିରେ ନାନାବିଧ ମଣିମୁକ୍ତା ପୁଷ୍ପାଦି ଖଚିତ ହୋଇଥାଏ । ରୋଗ-ଶୋକ-ତାପ-ପାପରୁ ମୁକ୍ତି ପାଇବା ନିମିତ୍ତ ଦମନକ ଧାରଣ ଓ ସେବନର ଜ୍ଞାତ ରହିଛି ।

**ଶ୍ରୀଜଗନ୍ନାଥଙ୍କ ସେବା ପୂଜା :**

ଶ୍ରୀମନ୍ଦିରର ରୀତିନୀତି ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ କରି ନିଶାର୍ଦ୍ଧ ପର୍ଯ୍ୟନ୍ତ ଯେତେ ପ୍ରକାର ବିଧିବିଧାନ ଶ୍ରୀମନ୍ଦରରେ ଅନୁଷ୍ଠିତ ହୁଏ, ତାହା ଯେତେ ପ୍ରକାର ବିଧିବିଧାନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୁଏ ତାହା ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ । ତାଙ୍କର ସମସ୍ତ ନୀତିଗୁଡ଼ିକ ଅତିମାନବୀୟ ଭାବଧାରାରେ ପରିପୂର୍ଣ୍ଣ । ବିଧି ବିଧାନ ଅନୁସାରେ ସମସ୍ତ ସେବକ ଓ ସେବାୟତମାନଙ୍କୁ ଡାକିବାର ବ୍ୟବସ୍ଥା ରହିଛି । ଜଣେ ଲୋକ ସେହି ଦିନର ପ୍ରତ୍ୟେକ ସେବକଙ୍କ ଘରକୁ ଯାଇ ଡାକିବାର ବ୍ୟବସ୍ଥା ରହିଛି । ତାଙ୍କୁ ପାଇକ କୁହାଯାଏ । ଭିତରଛ ମହାପାତ୍ର, ପାଳିଆ, ମେକାପ, ପ୍ରତିହାରୀ, ଅଖଣ୍ଡ ମେକାପ ଉପସ୍ଥିତ ହେଲା ପରେ ସିଂହଦ୍ୱାର ଚାବି ଯେଉଁ ସେବକ ଖୋଲନ୍ତି ତାଙ୍କୁ ମୁଦୁଲି କୁହାଯାଏ । ଭିତରଛ ମହାପାତ୍ର ଜୟବିଜୟ ଦ୍ୱାରରେ ପଶିବା ପରେ ପ୍ରତିହାରୀ ଭିତରୁ କବାଟ ବନ୍ଦ କରନ୍ତି । ଅଖଣ୍ଡ ମେକାପ ଭିତରେ ଦୀପ ଲଗାନ୍ତି । ତା' ପରେ ଜୟବିଜୟ ଦ୍ୱାର ପୁନଃ ଖୋଲାଯାଏ । ଶ୍ରୀମନ୍ଦିରର ପବିତ୍ରତା ପ୍ରତି ସମସ୍ତ ସେବକଙ୍କର ଦୃଷ୍ଟି ରହିଥାଏ ।

ପୂର୍ବ ଦିନ ପହୁଡ଼ ସମୟରେ ତିନୋଟିଯାକ ପଲଙ୍କକୁ ଉଠାଇ ପ୍ରଭୁଙ୍କ ଶୟନ ସମୟରେ ବ୍ୟବହୃତ ସୁବାସିତ ଜଳ ପ୍ରଭୃତି ଦ୍ରବ୍ୟ 'ଖଟ ଶେଯ ମେକାପ' ଭଣ୍ଡାର ଘରେ ରଖି ଦିଅନ୍ତି । ସୁଆର, ବଡ୍ଡୁ, ସେବକ ତିନୋଟି ନିର୍ଦ୍ଦିଷ୍ଟ ରୂପା ଥାଳୀ ନେଇ ସେଥିରେ ପିଷ୍ଟକ ଆଳତୀ (ଚାଉଳ ଚୂର୍ଣ୍ଣ ସହ ଦହିର ମିଶ୍ରଣ) ଓ ଏକୋଇଶିଟି ବତୀ ରଖି ଦିଅନ୍ତି । ଗରାବଡ୍ଡୁ ସେବକ ଗଡୁରେ ଜଳ ଯୋଗାଇଥାନ୍ତି । ବିମଳାଙ୍କ କୂଅରୁ ସମସ୍ତ ଜଳ ଅଣାଯାଏ । ତିନି ଜଣ ସିଂହାରୀ କର୍ପୂର ଆଳତୀ, ଏକୋଇଶି ବତୀ, ଆଳତୀ ପିଷ୍ଟକ ଆଳତୀ ପର୍ଯ୍ୟାୟ କ୍ରମେ କରିଥାନ୍ତି ଯାହାକୁ ମଙ୍ଗଳ ଆଳତୀ କୁହାଯାଏ । ବଡ଼ସିଂହାର ବେଶ କଢ଼ା ଯିବାକୁ ମଇଲମ କୁହାଯାଇଥାଏ । ପରେ ପରେ ପ୍ରଭୁଙ୍କୁ ସୂତା ତଡ଼ପ ଲାଗି କରାଯାଇ ସୁଆର ବଡ୍ଡୁଙ୍କ ସହାୟତାରେ ଅମୁଣିଆ ପାଣି ପକାଇ ଘର ପରିଷ୍କାର କରାଯାଇଥାଏ, ଯାହାକୁ 'ଧୋ ପଖାଳ' କୁହାଯାଏ । ସମସ୍ତ ଜଳ 'ପାଣିଆପଟ' ନାମକ ସେବକ ଯୋଗାଇଥାନ୍ତି । ତା' ପରେ ସ୍ନାନ କାର୍ଯ୍ୟ ଆରମ୍ଭ ହୁଏ । ସେବକ ଆସ୍ଥାନ ପ୍ରତିହାରୀ କଂସା ଦର୍ପଣ ତିନୋଟି ରଖନ୍ତି । ଏହି କଂସା ଦର୍ପଣରେ ଫୁଲ ଓ ଶଙ୍ଖ ବଇଠି ମଧ୍ୟ ରଖାଯାଏ । ଏହି ସ୍ନାନ କାର୍ଯ୍ୟରେ ବ୍ୟବହୃତ ଥାଳି, ପରଖ, ଗଡୁ, କଂସା ପାତ୍ର ଆଦିକୁ ଦର୍ପଣିଆ ପରିଷ୍କାର କରିଥାନ୍ତି । ଏହି ବିଧି ପାଇଁ ଆବଶ୍ୟକ ଫୁଲ ଓ ମାଳ 'ଦୟାଣମାଳି' ସେବକ ଯୋଗାଇଥାନ୍ତି । କୁମ୍ଭାଟୁଆ ଦାନ୍ତକାଠି ଓ ସୁବର୍ଣ୍ଣ ଜିଭ ଛେଲାରେ ତିନି ଠାକୁରଙ୍କର ଦାନ୍ତଘଷା ସମାପନ କରାଯାଏ । କଂସା ଦର୍ପଣରେ ପଡୁଥିବା ତିନି ଦିଅଁଙ୍କର ପ୍ରତିବିମ୍ବ ଉପରେ ଦହି ଓ ପାଣି ଢଳାଯାଏ । ତାହାକୁ ମାଜଣା ଅବକାଶ କୁହାଯାଏ । ପରେ ଏହି ଅବକାଶ ଜଳ ରାଜ ପ୍ରାସାଦରେ ପାଳିଆ ଓ ପ୍ରତିହାରୀ ନେଇ ଦେଇଥାନ୍ତି । ପାଟବସ୍ତ୍ର ପରିଧାନ ପରେ ଭକ୍ତଙ୍କ ଦର୍ଶନ ଲାଗି ସାହାଣ ମେଲା ହୋଇଥାଏ । ଏହି ନୀତିରେ ପିଣ୍ଡିକା ସ୍ୱରୂପ ଟଙ୍କା ଆଦାୟ କରାଯାଇଥାଏ ଯାହା ପ୍ରଭୁଙ୍କ ଆୟ ଭାବେ ଗୃହୀତ ହୁଏ ।

ବ୍ରାହ୍ମ ମୁହୂର୍ତ୍ତରୁ ଉପରୋକ୍ତ ନୀତିଗୁଡ଼ିକ ସାରିବା ପରେ ରନ୍ଧନ ଗୃହ ପରିଷ୍କାର କରାଯାଏ । ଯିଏ ରୋଷ ଘର ପରିଷ୍କାର କରନ୍ତି ତାଙ୍କୁ ରୋଷଧୋପ ଖାଳିଆ ସେବକ କୁହାଯାଏ । ଏହା ପରେ ରୋଷ ପାଏକ, ଅମୋଣିଆ ପରିଛା ଓ ମହା ସୂପକାର ରୋଷ ଘର ଜଗି ରହିଥାନ୍ତି । ରୋଷ ପାଇକ ହୋମ ପାଇଁ କାଠ ଲଗାଇଥାନ୍ତି । ମହାସୂପକାରଙ୍କ ଠାରୁ ହୋମ ପାଇଁ ପ୍ରସ୍ତୁତି ସରିଛି ଜାଣିବା ପରେ ପୂଜା ପଣ୍ଡା ରୋଷ ଘରେ ହୋମ କରି ନଡ଼ିଆଟିଏ ପୋଡ଼ିଥାନ୍ତି । ହୋମ ଶେଷରେ ସେହି ଅଗ୍ନିରୁ ରୋଷ କାର୍ଯ୍ୟ ଆରମ୍ଭ ହୁଏ । ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ପାଇଁ ଧୂପଦୀପର ଅଗ୍ନି ଏହି ରୋଷ ଘରୁ ହିଁ ନିଆ ଯାଇଥାଏ । ଖଇ, କୋରା, ଖୁଆମୁଣ୍ଡା, କଦଳୀ, ନଡ଼ିଆପାତି, ଦହି, ଲହୁଣୀ ଆଦି ପରିବେଷିତ ହୁଏ ।

ବଲ୍ଲଭ ଭୋଗ ପରେ ସକାଳ ଧୂପ ଆରମ୍ଭ ହୁଏ । ସମସ୍ତ ରନ୍ଧନ କାର୍ଯ୍ୟ ସରିବା ପରେ ଟେରା (ବସ୍ତ୍ର) ପଡ଼ିସାରିବା ପରେ ପ୍ରତିହାରୀ ଓ ପ୍ରଧାନୀ ସେବକ ଭୋଗ ଡାକି ଦିଅନ୍ତି । ପନ୍ତୀ ବଡ୍ଡୁ ଓ ବିଡୁଆ ଦୁଇଜଣ ଖେଚେଡ଼ି ବାଢ଼ନ୍ତି ଓ ମହାସୂପକାର ଝିଲ୍ଲୀ, କାନ୍ତି ଏଣ୍ଡୁରି, ଅଦା ପାଚେଡ଼ି, ମାଠ ପୁଳି, ହଂସ କେଳି, କାକତୁଆ, ବୁନ୍ଦିଆ, କ୍ଷୀରୀ ବାଢ଼ିଥାନ୍ତି । ପୂଜା ନିମିତ୍ତ ପୂଜା ସାମଗ୍ରୀ- ମହୁ, ଘିଅ, ଫୁଲ, ତୁଳସୀ, ରୂପାର ପାତ୍ର, ପତ୍ର ବଡୁ ଆଦି ସଜାଡ଼ନ୍ତି । ଗରାବଡ୍ଡୁ ଜଳ, ସୁଆର ବଡ୍ଡୁ, ଧୂପ ସଜାଡ଼ି ରଖନ୍ତି । ପୂଜା ସମୟରେ ସୁଆର ବଡୁ ପୂଜା ପଣ୍ଡାଙ୍କ ନିକଟରେ ଦର୍ପଣ ଧରି ଠିଆ ହୁଅନ୍ତି । ଠାକୁରଙ୍କ ପ୍ରତିବିମ୍ବ ଦେଖି ଧ୍ୟାନରେ ସ୍ତୋତ୍ର ପାଠକରି ପୂଜା କରିଥାନ୍ତି । ତା' ପରେ ହଡ଼ପ ନାଏକ ହଡ଼ପ ଗୃହରୁ ବିଡ଼ିଆ ଯୋଗାଣିଆ ଯୋଗାଇଥିବା ତିନିଖଣ୍ଡ 'ବିଡ଼ିଆ' ରୂପା ପାତ୍ରରେ ପୂଜା ପଣ୍ଡାଙ୍କୁ ଦିଅନ୍ତି ତା'ପରେ ବିଡ଼ିଆ ଲାଗି କରାଯାଏ । ସକାଳୁ ଧୂପ ପରେ ଭୋଗ ମଣ୍ଡପରେ ଶ୍ରୀଠାକୁରଙ୍କର ମଧ୍ୟାହ୍ନ ଧୂପ ଆରମ୍ଭ ହୁଏ । ମଧ୍ୟାହ୍ନ ଧୂପର ସମସ୍ତ ନୀତିନିୟମ ସକାଳ ଧୂପ ପରି ହୋଇଥାଏ । କିନ୍ତୁ ମଧ୍ୟାହ୍ନ ଧୂପରେ ଓରିଆ, ମରିଚ ପାଣି ଓ ପିଠା ସମର୍ପଣ କରାଯାଏ । ମଧ୍ୟାହ୍ନ ଭୋଗ ପରେ ସିଂହାରୀ ପୂର୍ବ ବେଶ ମଇଲମ କରି ଅନ୍ୟ ମାଲ୍ୟବସ୍ତ୍ର ପିନ୍ଧାଇ ଦିଅନ୍ତି । ସନ୍ଧ୍ୟା ଆଳତୀ ହୁଏ । ସୁଆର ବଡ୍ଡୁ ଏକୋଇଶିଟି ବତୀ ଓ ପିଷ୍ଟକ ଆଳତୀ, ମେକାପ, କର୍ପୂର, ଆଳତୀ ଯୋଗାଇ ଥାଆନ୍ତି । ଏହା ପରେ ସନ୍ଧ୍ୟା ଧୂପ ବସେ । ଆସ୍ଥାନ ପ୍ରତିହାରୀ ଦକ୍ଷିଣ ଗୃହରେ ପାଣି ପକାଇ ପୂଜା ସ୍ଥାନ ସଜାଡ଼ି ସାରି ବାହାର ଦେଉଳିକୁ ଜଣାଇଥାନ୍ତି । ଭୋଗରେ ପିଠା, ଅବଢ଼ା ଡାଲି, ବିଭିନ୍ନ ତରକାରୀ, ଶାଗ ଆଦି ଅର୍ପଣ କରାଯାଏ । ଏହା ପରେ ରାତ୍ର ସମୟରେ ବଡ଼ସିଂହାର ବେଶ କରାଯାଏ ଏବଂ ବଡ଼ସିଂହାର ଭୋଗ ମଧ୍ୟ କରାଯାଏ । ବଡ଼ସିଂହାର ବେଶର ବିଶେଷତ୍ୱ ହେଉଛି ଏଥିରେ ଗୀତଗୋବିନ୍ଦ ଖଣ୍ଡୁଆ ବ୍ୟବହାର କରାଯାଇଥାଏ । ତିନି ଠାକୁରଙ୍କୁ ଚନ୍ଦନ ଲାଗି କରାଯାଏ । ଏହି ସମୟରେ ଶାଢ଼ୀ ବନ୍ଧା ସେବକ ଭିତର କାଠ ପାଖରେ ଥାଇ ଗୀତଗୋବିନ୍ଦ ପାଠ କରନ୍ତି । ଘଟୁଆରୀ ଚନ୍ଦନ ଘୋରିଥାନ୍ତି । ସାତ ବାଡ଼ ବିଡ଼ିଆ ଠାକୁରଙ୍କୁ ମଣୋହି କରନ୍ତି । ଏହିପରି ଠାକୁରଙ୍କ ଦୈନନ୍ଦିନ ସେବା ଓ ଅନ୍ୟାନ୍ୟ ବିଶେଷ ସେବା କାର୍ଯ୍ୟରେ ଏକଶହ ଉଣେଇଶି ସେବକ ରହିଛନ୍ତି ।

ମହାଜାଗତିକ ଚେତନାରେ ସେ ସର୍ବବ୍ୟାପୀ, ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବେନ୍ଦ୍ରିୟ ଓ ଗୁଣାତୀତ ପରଂବ୍ରହ୍ମ । ଏହି ବିଚାରବୋଧରେ ସେ ଚତୁର୍ଦ୍ଧାମୂର୍ତ୍ତି ରୂପେ ସର୍ବତ୍ର ପୂଜିତ । ଦେବ ମତରେ ଓଁକାରରୂପୀ ପ୍ରବଣର ବାଚ୍ୟ ରୂପ ହେଉଛନ୍ତି ଶ୍ରୀଜଗନ୍ନାଥ । ପୁରାଣରେ ସେ ପରମପୁରୁଷ ରୂପେ ବର୍ଣ୍ଣିତ । ବେଦ ମତରେ ସେ ନିର୍ଗୁଣ, ନିରାକାର । ଦିବ୍ୟ ନୀଳାଚଳରେ ସେ ଯଜ୍ଞ ପୁରୁଷ । ତାଙ୍କ ଲୀଳା ମାନବୀୟ ହୋଇ ମଧ୍ୟ ଦିବ୍ୟ । ଶ୍ରୀକ୍ଷେତ୍ରରେ ଆଚାଣ୍ଡାଳ ବ୍ରାହ୍ମଣ ଏକତ୍ର ମହାପ୍ରସାଦ ସେବା ଏକ ମହନୀୟ ପରମ୍ପରା । ଶ୍ରୀଜଗନ୍ନାଥଙ୍କ ଅମୃତମୟ ଚେତନାରେ ବିଶ୍ୱର ସବୁ ଧର୍ମ, ଦର୍ଶନ, ତତ୍ତ୍ୱ ଓ ମତର ସମନ୍ୱୟ ଘଟିଛି । ସଂକ୍ଷେପରେ କହିବାକୁ ଗଲେ ଶ୍ରୀଜଗନ୍ନାଥ ଚେତନା ହିଁ ମାନବୀୟ ଚେତନାର ଜାଗରଣ ।

**ସହଯୋଗୀ ଗବେଷିକା, ଶାସ୍ତ୍ରୀୟ ଓଡିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭାରତୀୟ ଭାଷା ସଂସ୍ଥାନ, ଉଚ୍ଚଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର, ୨ୟ ମହଲା, ପୂର୍ବାଞ୍ଚଳ ଭାଷାକେନ୍ଦ୍ର, ଲକ୍ଷ୍ମୀସାଗର, ଭୁବନେଶ୍ୱର -୭୫୧୦୦୬, ଦୂରଭାଷ – ୮୨୪୯୮୭୪୬୦୮.**

**ସହାୟକ ଗ୍ରନ୍ଥସୂଚୀ :**


୧.**ମିଶ୍ର, କାହ୍ନୁଚରଣ :** ଶ୍ରୀଜଗନ୍ନାଥ ଚେତନା ଓ ରଥଯାତ୍ରା

୨.**ପରିଜା, ଗଣେଶ ପ୍ରସାଦ :** ଶ୍ରୀଜଗନ୍ନାଥ ଏକ ପରମ ରହସ୍ୟ

୩.**କର, ଯୋଗାଚାର୍ଯ୍ୟ ରମାକାନ୍ତ :** ତନ୍ତ୍ର ତତ୍ତ୍ୱରେ ଶ୍ରୀଜଗନ୍ନାଥ

୪.**ନାୟକ, ରାଘବାନନ୍ଦ :** ବୈଷ୍ଣବ ଧର୍ମ ଓ ଜଗନ୍ନାଥ ଉପାସନା

୫.**ମହାପାତ୍ର, ଜୟକୃଷ୍ଣ :** ଜଗନ୍ନାଥ ପରିଚୟ

୬.**ମହାପାତ୍ର, ପ୍ରାଣକୃଷ୍ଣ :** ଦଶ ଅବତାର

୭.**ଦାଶ, ସୂର୍ଯ୍ୟନାରାୟଣ :** ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ

୮.**ପଣ୍ଡା, ହରିହର :** ଜଗନ୍ନାଥ ରାଷ୍ଟ୍ର ନୀତିର ନାଭିବ୍ରହ୍ମ

୯.**ମିଶ୍ର, ଭାସ୍କର :** ଶ୍ରୀଜଗନ୍ନାଥ ଜ୍ଞାନକୋଷ

୧୦.**ରାଉତରାୟ, ପୀତବାସ :** କଥା ଧାରାରେ ଶ୍ରୀଜଗନ୍ନାଥ

# ରଥ କହେ ମୁଁ ଦେବତା........

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବାରମାସରେ ତେରଯାତ୍ରା ମଧ୍ୟରୁ ରଥଯାତ୍ରା ସର୍ବପ୍ରଧାନ ଅଟେ । ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦୀରୁ ଜନ୍ମବେଦୀ, ଆଡପମଣ୍ଡପ ବା ଗୁଣ୍ଡିଚା ମନ୍ଦିରକୁ ବିଜେ କରିବାର ମହାର୍ଘଯାତ୍ରାକୁ ନବଦିନଯାତ୍ରା, ଗୁଣ୍ଡିଚାଯାତ୍ରା, ଘୋଷଯାତ୍ରା, ପତିତପାବନ ଯାତ୍ରା, ମହାବେଦୀଯାତ୍ରା କୁହାଯାଏ । । ପ୍ରଭୁହିଁ ଏଠାରେ ରଥ ଓ ରଥୀ, ପଥ ଓ ପଥିକ । ଏହି ରଥଯାତ୍ରା ସର୍ବଧର୍ମ କର୍ମ ଜ୍ଞାନ -ଶକ୍ତି-ମୈତ୍ରୀ -ପ୍ରେମ ଭାବର ସମନ୍ୱୟ ଯାତ୍ରା । ଅନ୍ୟ ସମସ୍ତ ଯାତ୍ରାରେ ପ୍ରଭୁଙ୍କର ଚଳନ୍ତି ପ୍ରତିମା ଅଂଶ ଗ୍ରହଣ କରୁଥିବା ବେଳେ ସ୍ନାନ ଯାତ୍ରା ଓ ରଥ ଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ପତିତ ଉଦ୍ଧାର ପାଇଁ ରତ୍ନ ସିଂହାସନରୁ ଓହ୍ଲାଇ ଭକ୍ତମାନଙ୍କ ଗହଣରେ ବିଜେ କରି ସମସ୍ତ ନୀତି କାନ୍ତି କରନ୍ତି । "ସୁଭଦ୍ରା ପରିଣୟ" କାବ୍ୟରେ ଉପେନ୍ଦ୍ରଭଞ୍ଜ ସେଥିପାଇଁ ଲେଖିଛନ୍ତି –

"ସ୍ନାନ ଶ୍ରୀ ଗୁଣ୍ଡିଚାଏବେନି ସ୍ୱୟଂ ଲୀଳା ଯା'ର
ପତିତ ପାବନ ଅର୍ଥେ ପ୍ରାସାଦୁବାହାର ,"

ପୁଷ୍ୟାନକ୍ଷତ୍ରର ଆଷାଢ ଶୁକ୍ଳ ଦ୍ୱିତୀୟାରେ ଅନୁଷ୍ଠିତ ଏହି ରଥଯାତ୍ରାରେ ଭକ୍ତ ଓ ଭଗବାନ ଏକାକାର ହୁଅନ୍ତି କୌଣସି ବାଧାକୁ ଭକ୍ତ ମାନେନାହିଁ । ନିଜର ସମସ୍ୟା ଦୁଃଖ କଷ୍ଟ, ଗ୍ଲାନିଅବସୋସକୁ ଭୁଲି ନିଜର ଚର୍ମଚକ୍ଷୁରେ ବଡଦାଣ୍ଡରେ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିକୁ ଦର୍ଶନ କରି ପାପ ତାପରୁ ମୁକ୍ତି ପାଇବାର ଲୋଭରେ ଭକ୍ତ ଆତ୍ମବିଭୋର ହୁଏ । ତିନି ରଥର ଶୋଭା, ମାହାତ୍ମ୍ୟ, ତାତ୍ପର୍ଯ୍ୟ, ଅନୁପମ ଅଟେ । ସଂକ୍ଷିପ୍ତ ଭାବରେ ତିନିରଥ ସମ୍ପର୍କରେ କୁହାଯାଇପାରେ ଯେ, -ତିନି ରଥର ଲକ୍ଷ ଏକ ହୋଇଥିଲେ ମଧ୍ୟ ଏହାର ଦେବତା, ପାର୍ଶ୍ୱଦେବତା, ଯକ୍ଷ, ଋଷି, ନେତ, ଦଉଡି, ସାରଥି, ଅଶ୍ୱ, ରକ୍ଷକ, ରଥର ଦାରୁ ଓ ଚକ ସଂଖ୍ୟା, ରଥମୂର୍ଦ୍ଧ୍ନ ଦେବତା, ଧ୍ୱଜାର ଅଧିପତି, ରଥ ଆବରଣ ବସ୍ତ୍ରର ରଙ୍ଗ, ରଥର ବୀଜ, ଅଧୀଶ୍ୱରୀ ଦେବୀ, ରଥର ଚାରଣ, ରଥର କୁମ୍ଭ, ରଥର ଭୈରବ, ରଥର ଶକ୍ତି, ରଥର ଶିର ଦେବତା ଆଦି ଭିନ୍ନ ଅଟନ୍ତି । କାହିଁ କେଉଁ ପ୍ରାଚୀନ କାଳରୁ ପାରମ୍ପରିକ କ୍ରମେ ରଥର ନିର୍ମାଣ ଏହି ସବୁ ବିଧି ବିଧାନକୁ ନେଇ ଚଳିଆସୁଛି । ଏସବୁର ସଂକ୍ଷିପ୍ତ ଆଲୋଚନା ଏହି ସନ୍ଦର୍ଭର ଉଦ୍ଦେଶ୍ୟ ।

ବଡଠାକୁର ବଳଭଦ୍ରଙ୍କର ରଥର ନାମ ତାଳଧ୍ୱଜ । ପୁରାଣକୁହେ ବଳଭଦ୍ର ନିଜ ପୀଠ ତଳେ ସ୍ୱଚ୍ଛ ଦର୍ପଣ ରଖନ୍ତି ଏବଂ ଜ୍ଞାନ ବରଣରେ ଚରାଚର ବ୍ରହ୍ମାଣ୍ଡକୁ ଦୃଷ୍ଟିରେ ରଖନ୍ତି ସେହି ଦର୍ପଣକୁ ତଳେ ରଖିଥିବାରୁ ତାର ନାମ 'ତାଳ' ବଳଭଦ୍ରଙ୍କ ଠାରେ ଦର୍ପଣ ପରି ନିର୍ମଳତା ଦେଖାଯାଉଥିବାରୁ ତାଙ୍କ ନାମ ତାଳାଙ୍କ ତଦନୁଯାୟୀ ରଥର ନାମ 'ତାଳଧ୍ୱଜ',ଧ୍ୱଜରେଦର୍ପଣର ଚିହ୍ନ ରହେ । ଦେବତା ମାନେ ଏହାକୁ ତାଳବନ ରେ ପ୍ରଦାନ କରିଥିବାରୁ ଏହାର ନାମ ତାଳଧ୍ୱଜ । ଏହାର ଅଧୀଶ୍ୱର ବଳଭଦ୍ର ଅଟନ୍ତି । ଏହାର ଉଚ୍ଚତା ୩୨ ହାତ ଦଶ ଆଙ୍ଗୁଳି, ୭୬୩ କାଠ ଦ୍ୱାରା ଏହା ପ୍ରସ୍ତୁତ । ଏହାର ଚକ ସଂଖ୍ୟା ୧୪ ପ୍ରତ୍ୟକ ଚକ ର ବ୍ୟାସ ସାଢେ "ଛଅ" ଫୁଟ । ଏହାର ପୀଠ ସ୍ଥାନର କ୍ଷେତ୍ର ଫଳ ୩୪ ବର୍ଗ ଫୁଟ । ଅଷ୍ଟଦଳ ପଦ୍ମରେ ନିର୍ମିତ ଏହାର ଭଦ୍ରପୀଠ । ରକ୍ତନୀଳରେ ରଥର ଆବରଣ, ରଥର ଶିରରେ ଅନନ୍ତ ନାଗ ବିଦ୍ୟମାନ । ଆୟୁଧ ହଳ ଓ ମୁଷଳ ହୋଇଥିବା ବେଳେ ରଥ ରକ୍ଷକ ଭାସ୍କର ରଥ ସାରଥି ହେଉଛନ୍ତି ମାତଳି ରଥର ପାର୍ଶ୍ୱ ଦେବତା ହରିହର, ନାଟାମ୍ବର,ଗଜାନ୍ତକ,ତ୍ରିପୁରାରି, ଗଣେଶ, ତ୍ରୟମ୍ବକ, ସ୍କନ୍ଦ, ପ୍ରଳମ୍ବାରି, ତାଳଧ୍ୱଜଙ୍କରଚାରି କୃଷ୍ଣବର୍ଣ୍ଣ ଅଶ୍ୱଙ୍କ ନାମ ତୀବ୍ର, ଘୋର, ଦୀର୍ଘଶ୍ରମ ଓ ସ୍ୱର୍ଣ୍ଣନାଭ, ରଥର ଦଉଡି ନିଜେ ବାସୁକି ହୋଇଥିବା ବେଳେ ରଥ ରଥମୂର୍ଦ୍ଧ୍ନକେତୁ, ଭଦ୍ରା, ବ୍ରହ୍ମା ଓ ଶିବରଥର ଚରଦେବତା ଅଟନ୍ତି ଏବଂ ଭୈରବ ହେଉଛନ୍ତି ତାଳଧ୍ୱଜରଥର କ୍ଷେତ୍ରପାଳ । ରଥର ଚାରଣ ନାମ ମହାସିଦ୍ଧ ଓ ଉଲେମୀ । ତୁଙ୍ଗା, ତୁଙ୍ଗଭଦ୍ରା, ସୁପ୍ରଭା, ପ୍ରଭା, ଧାତ୍ରୀ, ବିଧାତ୍ରୀ, ନନ୍ଦା ଓ ସୁନନ୍ଦା ହେଉଛନ୍ତି ଏହି ରଥର ଗର୍ଭାଧିକାରୀ ଶକ୍ତି । ରଥର ଋଷିପଟାରେ ଅବସ୍ଥାନ କରୁଥିବା ଋଷି ମାନେ ହେଲେ ଅତ୍ରି, ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, କାଶ୍ୟପ, ମୁଦ୍ଗଳ, ଆତ୍ରେୟ ଆଦି ଅଷ୍ଟଋଷି ରଥ କୁମ୍ଭର ନାମ ଭୁବନ , ବିମ୍ବ , ପୃଥିବୀ ,ରକ୍ତାୟୁଦ୍ଧ,ହୁଂବୀଜ, ନେତର ନାମ ଉନ୍ନନୀ ଦ୍ୱାରପାଳ ହେଉଛନ୍ତି ନନ୍ଦା ଓ ସୁନନ୍ଦା, ରଥ ଗନ୍ଧର୍ବ – ହୁ ହୁ,ରଥାଧିପ -ବୃହତନାସରଥାପାଳଆଦିଶେଷ, ରଥ ପ୍ରତିହାର ଅତିଶୀଳ ସୁଶୀଳ ଅଟନ୍ତି । ରଥର ପୀଠ ମେରୁ କୈଳାସ । ତାଳଧ୍ୱଜ ରଥରେ ବ୍ୟବହୃତ ଚନ୍ଦ୍ରାତପ-କନକ ମେଖଳା ଓ ଏହାର ଦଧିନଉତି ଭୁବନ କୋଷ ଅଟେ । ଦଧିନଉତିର ଭୁବନ କୋଷ ଅଟେ । ଦଧିନଉତି ଉଭୟ ପାର୍ଶ୍ୱରେ ଥିବା ଶୁକଯୁଗଳ ସୁପର୍ଣ୍ଣା ଓ ଦ୍ୱାସୁପର୍ଣ୍ଣା ଅଟେ । ଚନ୍ଦ୍ର , ସୂର୍ଯ୍ୟ ଓ ବିଦ୍ୟୁତ ନାମକ ତିନୋଟି କଳସ ଦଧିନଉତି ଉପରେ ବିଦ୍ୟମାନ । ରଥ ରେ ବ୍ୟବହୃତଶୂନ୍ୟଚକ୍ରର ନାମ କଳାସହାଂର ଅଟେ ।

'କାମ୍ପିଲ୍ୟବାସିନୀସୁଭଦ୍ରିକାଂ' ସ୍ରଷ୍ଟାଙ୍କର ଇଚ୍ଛା ଶକ୍ତିରୁ ସୃଷ୍ଟି ହେଲା ବେଳେ ଯେଉଁ କମ୍ପନ ଜାତ ହୋଇଥିଲା ସେହି ଶକ୍ତି ସହ ସୁଭଦ୍ରାଙ୍କର ଅଭେଦତ୍ୱ ଦେଖାଯାଇଥିବାରୁ ତାଙ୍କୁ କାମ୍ପିଲ୍ୟବାସିନୀ କୁହାଯାଏ ।



●ଡକ୍ଟର ମନସା ଶ୍ରୀ ଚନ୍ଦନ ରାୟ

*ପ୍ରଭୁହିଁ ଏଠାରେ ରଥ ଓ ରଥୀ, ପଥ ଓ ପଥିକ । ଏହି ରଥଯାତ୍ରା ସର୍ବଧର୍ମ କର୍ମ ଜ୍ଞାନ -ଶକ୍ତି-ମୈତ୍ରୀ -ପ୍ରେମ ଭାବର ସମନ୍ୱୟ ଯାତ୍ରା । ଅନ୍ୟ ସମସ୍ତ ଯାତ୍ରାରେ ପ୍ରଭୁଙ୍କର ଚଳନ୍ତି ପ୍ରତିମା ଅଂଶ ଗ୍ରହଣ କରୁଥିବା ବେଳେ ସ୍ନାନ ଯାତ୍ରା ଓ ରଥ ଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ପତିତ ଉଦ୍ଧାର ପାଇଁ ରତ୍ନ ସିଂହାସନରୁ ଓହ୍ଲାଇ ଭକ୍ତମାନଙ୍କ ଗହଣରେ ବିଜେ କରି ସମସ୍ତ ନୀତି କାନ୍ତି କରନ୍ତି ।*

ଦେବୀ ସୁଭଦ୍ରା ଯେଉଁ ରଥ ରେ ବିଜେ କରି ଶ୍ରୀ ଗୁଣ୍ଡିଚା ଅଭିମୁଖେ ଯାତ୍ରା କରନ୍ତି, ସେହି ରଥ ଦେବତାଙ୍କ ଦ୍ୱାରା ପ୍ରଦତ୍ତ ଯାହାର ନାମ ଦର୍ପଦଳନ, ଦେବୀ ରଥ, ପଦ୍ମଧ୍ୱଜ,ଦେବଦଳନ । ଏହି ରଥର ଅଧୀଶ୍ୱର ମା ସୁଭଦ୍ରା । ଏହି ରଥର କାଠ ସଂଖ୍ୟା ୫୫୩ ଖଣ୍ଡ । ଏହାର ଉଚ୍ଚତା ୩୧ ହାତ, ଚାରି ହାତ ପରିଧି ଓ ୧୨ ଟି ଚକ ବିଶିଷ୍ଟ । କୃଷ୍ଣ, (କଳା) ଓ ରକ୍ତବର୍ଣ୍ଣ ବସ୍ତ୍ର ଦ୍ୱାରା ଏହା ଆଚ୍ଛାଦିତ । ରଥର ରକ୍ଷକ ବନଦୁର୍ଗା, ସାରଥିର ନାମ ଅର୍ଜୁନ, ରକ୍ତ ବର୍ଣ୍ଣ ଯୁକ୍ତ ରୋଚିକା, ମୋଚିକା, ଜିତା ଓ ଅପରାଜିତା ଚାରୋଟି ଅଶ୍ୱ ର ନାମ ଅଟେ, କେତେକ ଆଲୋଚକ ଏହି ଅଶ୍ୱମାନଙ୍କର ନାମ ଅଧର୍ମ, ଅଜ୍ଞାନ, ଅପରାଜିତା ଓ ଜ୍ୟୋତିନିବୋଲି ଉଲ୍ଲେଖ କରିଛନ୍ତି । ଦେବ ଦଳନ ରଥର ୯ ଜଣ ପାର୍ଶ୍ୱଦେବତା ହେଉଛନ୍ତି ବିମଳା, ଚାମଣ୍ଡା, ଭଦ୍ରକାଳୀ, ହରଚଣ୍ଡିକା, ମଙ୍ଗଳା, ବାରାହୀ, କାତ୍ୟାୟନୀ, ଜୟଦୁର୍ଗା, କାଳୀ । ରଥର ଦକ୍ଷିଣ ଭାଗରେ ଚଣ୍ଡିଚାମଣ୍ଡା ଓ ଉଗ୍ରତାରା ରଥର ପଛ ଭାଗରେ ନବଦୂର୍ଗା, ଶୂଳିଦୂର୍ଗା, ବରାହୀ ଓ ରଥ ର ବାମ ଭାଗରେ ଶ୍ୟାମକାଳୀ, ମଙ୍ଗଳା ଏବଂ ବିମଳା ବିଦ୍ୟମାନ ଅଟନ୍ତି । ଦ୍ୱାର ଦେଶରେ ଶ୍ରୀଦେବୀ ଭୂଦେବୀ ଓ ଅଷ୍ଟଭୈରବ ବିଜେ କରନ୍ତି । ଧ୍ୱଜାର ଅଧିପତି ତ୍ରିପୁରା ସୁନ୍ଦରୀ, ରଥର ଆୟୁଧ ପଦ୍ମକହ୍ଲାର, ରଥ ମୂର୍ଦ୍ଧ୍ନଦେବତା ଭକ୍ତା ଦେବତା ଭାବେ ଉପବିଷ୍ଟ ସୁମେଧାଚାମର ସେବା କରନ୍ତି । ସେ ଚାମର ସେବା କରନ୍ତି । ସ୍ୱର୍ଣ୍ଣ ଚୂଡ ନାମକ ନାଗଦେବତା ଏହି ରଥର ଦଉଡି ରୂପେ ଥା'ନ୍ତି । ଦେବଦଳନ ରଥର ଋଷିପଟାରେ ଛଅ ଜଣ ଋଷି ଯଥା –ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗି, ଧ୍ରୁବ ଓ ଉଲ୍ଲୁକ ଋଷି ଅଟନ୍ତି । ରଥ ଦେବୀ ଶ୍ରୀ ଓ ଭୂ । ରଥଗନ୍ଧର୍ବ ହା ହା, ରଥ ଚାରଣଙ୍କ ନାମ ମହାକାର, ରଥ ଯକ୍ଷର ନାମ କିଂହ୍ୱଳିକା । ରଥଗର୍ଭର ଅଧୀଶ୍ୱର ଦେବୀ ହେଉଛନ୍ତି ଶକ୍ତଶପ୍ତା, ଜୟା, ବିଜୟା, ଘୋରା, ଅଘୋରା, ସୂକ୍ଷ୍ମ ଓ ଜ୍ଞାନା। କୁମ୍ଭର ନାମ ଅମୃତା, ଜୀବା, କାୟା ଏହି ରଥର ବୀଜରନାମହ୍ରିଂବୀଜ, ନେତରନାମ ନାଦାମ୍ବିକା, ଦ୍ୱାଦଶ ବରଣ ହେଉଛନ୍ତି ଭୁବନେଶ୍ୱରୀ, ଚକ୍ର, ଗଙ୍ଗା, ଯମୁନା, ଦ୍ୱାରପାଳିକା। ରଥ ଯାତ୍ରା ସମୟରେ ସୁଭଦ୍ରାଙ୍କ ଦେବଦଳନ ରଥରେ ସୁଦର୍ଶନ ଅବସ୍ଥାନ କରନ୍ତି ।

ଅବଶେଷରେ ପ୍ରଭୁ ଶ୍ରୀ ନୀଳାଦ୍ରିଶ ନନ୍ଦିଘୋଷ ରଥ ଆରୋହଣ କରି ଯାତ୍ରା କରନ୍ତି । ଏହି ରଥ ଇନ୍ଦ୍ରଙ୍କ ପ୍ରଦତ୍ତ ଅଟେ । ଏହାର ଅଧୀଶ୍ୱର ପ୍ରଭୁଶ୍ରୀ ଜଗନ୍ନାଥ। ଏହାର ଉଚ୍ଚତା ୩୩ ହାତ ବାର ଆଙ୍ଗୁଳି ୮୩୨ ଖଣ୍ଡ କାଠରେ ଏହି ରଥ ନିର୍ମିତ ଯାହାର ଚକ ସଂଖ୍ୟା ୧୬ ପ୍ରତ୍ୟେକଚକ ର ବ୍ୟାସ ୭ ଫୁଟ । ପୀଠସ୍ଥାନର କ୍ଷେତ୍ର ଫଳ ୩୫ ବର୍ଗ ଫୁଟ । ସ୍ୱୟଂ ଗରୁଡ ହେଉଛନ୍ତି ନନ୍ଦିଘୋଷ ରଥର ରକ୍ଷକ । ଏହି ରଥ ଧ୍ୱଜାରେ ହନୁମାନ ବିରାଜିତ । ଦୁଇଟି ଆୟୁଧ ଚକ୍ର ଓ ଶଙ୍ଖ । ରକ୍ତ ପୀତରଙ୍ଗରେ ରଥର ଆବରଣ ରଥ ଶିରଦେବତା କଲ୍ୟାଣ ସୁନ୍ଦର । ନନ୍ଦିଘୋଷ ରଥର ଉତ୍କର୍ଷଣୀ କ୍ରିୟା, ଯୋଗ, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା । ବିମଳା ଓ ବିରଜା ଏହି ରଥର ଶକ୍ତି । ନନ୍ଦ ଓ କୁବେର ରଥର ଚାରଣ ଅଟନ୍ତି ପାର୍ଶ୍ୱ ଦେବତା ମାନେ ହେଲେ ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନଧାରୀ, ଚିନ୍ତାମଣି,ରାଘବଓ ନୃସିଂହ ଆଦି ନବଦେବତାଶୁକ୍ଳବର୍ଣ୍ଣ ଯୁକ୍ତ ଚାରି ଅଶ୍ୱ ହେଲେ, ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ରଥର ସାରଥି ଦାରୁକ । ଶଙ୍ଖଚୂଡ ନାମକ ନାଗୁଣୀ ରଥର ଦଉଡି । ରଥର ଋଷିପଟାରେ ଅଷ୍ଟଋଷି ଯଥା ନାରଦ, ଦେବଳ, ବ୍ୟାସ, ଶୁକ, ପରାସର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର ଆଦି ଋଷି ଅବସ୍ଥାନ କରନ୍ତି । ରଥର ମୁଖ ନନ୍ଦୀମୁଖ ହୋଇଥିବା ବେଳେ ଦେବୀ ହେଉଛନ୍ତି ଯୋଗମାୟା, ରଥ କୁମ୍ଭନାମହରିଶ୍ଚୟ । ନେତ୍ର ନାମ ତ୍ରୈଲୋକ୍ୟମୋହିନୀ । ରଥର ଭୈରବ ହେଲେ ଏକପାଦ, ରଥର ଚାରଣ ନନ୍ଦଓ କୁବେର ନନ୍ଦିଘୋଷ ରଥର ଯକ୍ଷ ହର୍ଯ୍ୟକ୍ଷ ହୋଇଥିବା ବେଳେ ରଥ ଗର୍ଭର ରକ୍ଷକ ହିରଣ୍ୟଗର୍ଭ ଅଟନ୍ତି । ରଥର ଦ୍ୱାରପାଳ ହେଉଛନ୍ତି ଜୟବିଜୟ। ଏହି ରଥ କେବଳ କାଠ ନିର୍ମିତ ସାମାନ୍ୟ ରଥ ନୁହନ୍ତି ତେଣୁ କୁହାଯାଇଛି-

"ରଥେ ତୁ ବାମନଂଦୃଷ୍ଟ୍ୱ
ପୁନର୍ଜନ୍ମ ନବିଦ୍ୟତେ"

ଅର୍ଥାତ ରଥରେ ଭଗବାନଙ୍କୁ ରଥେ ଦେଖିଲେ ଆଉ ପୁନର୍ଜନ୍ମ ନାହିଁ । ଏହି ରଥ ମାହାତ୍ମ୍ୟକୁ ପ୍ରାଚୀନ ଭଜନ ଜଣାଣରେ କବିମାନେ ଲେଖନୀ ଚାଳନା କରିଛନ୍ତି । "ଶ୍ରୀ ପୁରୁଷୋତ୍ତମ ଯିବା ମନା"ଭଜନରେ ଜଗନ୍ନାଥ ଦାସ ଲେଖିଛନ୍ତି ଯେ-

"ସାଜିଣି ହୋଇଛି ତିନି ରଥ ,
ପାଟ ପତନୀ ମଣ୍ଡନି ନେତ
ସୁବର୍ଣ୍ଣ କଳସ ଉପରେ ଚିରାଳ
ଫରଫର ଉଡେ ବାନାନେତ ପ୍ରଭୁ ତିନି ରଥ "

ଭକ୍ତ ସାଲବେଗ"ଜଗବନ୍ଧୁ ହେ ଗୋସାଇଁ " ଜଣାଣରେ ରଥର ସୌନ୍ଦର୍ଯ୍ୟବର୍ଣ୍ଣନା କାରିଛନ୍ତି ଯେ -

"ରଥ ଚାରିପାଖେ ଲମ୍ବେ ମୁକୁତାର ଝରା
ଝଲଝଲ ଦିଶୁଥାଇ ପ୍ରଭୁ ଚକା ଡୋଳା "
"ଆଗେ ଚାଲେ ବଳଭଦ୍ର ମଧେ ଚାନ୍ଦମୁହିଁରେ
ଆସୁଛି କାଳିଆ ପଛେ ଗହଣ ଲଗାଇରେ "

"ଆହେ ପ୍ରଭୁ କଳାଶ୍ରୀମୁଖ " ଜଣାଣ ରେ ରଥ ଯାତ୍ରା ନଦେଖି ପାରିବା ର ଦୁଃଖ କୁ ବୟାନ କରି ଲେଖିଛନ୍ତି ଯେ -

ଆହେ ପ୍ରଭୁ କଳା ଶ୍ରୀମୁଖ
ତୁମ୍ଭ ରଥ ଯାତ୍ରା ଦେଖି ନ ପାରିଲି
ଦେବାରୁ ଦାରୁଣ ଦୁଃଖ

କବି ବୀରକିଶୋର ଦେବ ତାଙ୍କର "ଭୁଜତଳେ ମତେ ରଖ " ଜଣାଣରେ ସଂପୂର୍ଣ୍ଣ ଶରଣାଗତର ଭାବ କୁ ବ୍ୟକ୍ତ କରି ଲେଖିଛନ୍ତି ଯେ ,"ସଜ ହୋଇଥିବା ନନ୍ଦିଘୋଷ ରଥ
ମୁଁ ଥିବି ତୁମ୍ଭ ସେବା ରେ ତୁମ୍ଭେ ଦୀନବନ୍ଧୁ !
ନିର୍ଦ୍ଦୟ ହୋଇଲେ କି ବୋଲିବେ ଏ ସଂସାରେ "

କବି ନିଧି ସିଂହ ତାଙ୍କର "ଭକ୍ତେ ସୁଦୟା କରି " ଭଜନରେଦଶାବତାରଙ୍କ ବର୍ଣ୍ଣନା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ରଥର ମହିମା ବର୍ଣ୍ଣନା କରି ଲେଖିଛନ୍ତି ଯେ –

"ଏବେ ରଥ ଆରୋହି ସଙ୍ଗେ ଭଉଣୀ ଭାଇ
ଚରାଚର ତାରିବେ ଏ ଦର୍ଶନ ଦେଇ "

କବି ବିଶ୍ୱନାଥ ଖୁଣ୍ଟିଆ ଶ୍ରୀକ୍ଷେତ୍ରରେ ହେଉଥିବା ଦ୍ୱାଦଶ ଯାତ୍ରାରେ ବର୍ଣ୍ଣନା କରି ସ୍ନାନଯାତ୍ରାଠାରୁ ରଥଯାତ୍ରା ଓ ନୀଳାଦ୍ରିବିଜେର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି -

"ଶ୍ରୀ ଜଗନ୍ନାଥ ଚଢିଣ ନନ୍ଦିଘୋଷ ଗୁଣ୍ଡିଚା ଘରୁ ବିଜୟ
ଦେଖି ନାଗ ନର ଗନ୍ଧର୍ବ କିନ୍ନରକରୁଥାନ୍ତି ଜୟ ଜୟ"

ଏହି ରଥ ଏବଂ ରଥମହୋତ୍ସବ ଭକ୍ତ ନିଜକୁ ପ୍ରତ୍ୟକ୍ଷଓ ପରୋକ୍ଷରେ ସାମିଲ କଲେ । ତା'ର ସମସ୍ତ ଗର୍ବ ଅହଂକାର ପାପ ତାପ ରଥ ଚକ ତଳେ ଭାଙ୍ଗି ଯାଏ ଏବଂ ସେ ପୁନର୍ଜନ୍ମ ରୁ ମୁକ୍ତି ପାଏ । ଏହି ଯାତ୍ରା ରେ ରଥ, ପଥ , ଜଗନ୍ନାଥ ଙ୍କୁ ଦେଖିଲେ ସ୍ଥୁଳ-ସୂକ୍ଷ୍ମ, ଦେହ-ଅଦେହ, ଶରୀର-ଆଶରୀର, ଥିବା-ନଥିବା ଆଦିର କିଛି ଭେଦଭାବ ରହେ ନାହିଁ । ପ୍ରଭୁ ଦାରୁ ଦେବତା ଦାରୁ ରଥ ରେ ବସି ନିଜର ମାହାତ୍ମ୍ୟସହ ରଥ ର ମାହାତ୍ମ୍ୟକୁ ପ୍ରତି କ୍ଷେତ୍ର ରେ ରୂପାୟିତ କରୁଛନ୍ତି । ତେଣୁ ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ଭାଷାରେ -

"ରଥ ବଲେ ଆମି ଦେବ
ପଥ ବଲେ ଆମି "

ଅର୍ଥାତ ରଥ କହେ ମୁଁ ଦେବତା ପଥ କହେ, ମୁଁ ଦେବତା ତେଣୁ ରଥ ପଥ ଜଗନ୍ନାଥ ସବୁ ଏଠି ଏକାକାର । ତେଣୁ କେବଳ ପ୍ରଭୁଙ୍କ ପଦାରବିନ୍ଦରେ ଏତିକି କୁହା ଯାଇପାରେ

ମଣିଷ ରଥକୁ ତୁ ସିନା ଟାଣୁଛୁ ,ତୋ ରଥକୁ ଟାଣେ ଭକ୍ତ ।
ପ୍ରେମ ଭକତି ର ଭାବ ତରଙ୍ଗରେ ଭକ୍ତ ବଡଦାଣ୍ଡେ ସିକ୍ତ
ରଥାରୂଢ ପ୍ରଭୁ ଆହେ ଜଗନ୍ନାଥ ଭକ୍ତଜନଭାବଗ୍ରାହୀ ।
ସଂସାର କଷ୍ଟ କୁ ପଦେ ଜଣାଉଛି ତୁମ୍ଭ ରଥ ଆଗେ ରହି

**ବରିଷ୍ଠ ଗବେଷିକା**
**ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର**
**ଭାରତୀୟ ଭାଷା ସଂସ୍ଥାନ**
**ଭୁବନେଶ୍ୱର ୯**







# ରିଜର୍ଭ ବ୍ୟାଙ୍କ ପକ୍ଷରୁ ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଉପରେ ୮ ଲକ୍ଷ ଟଙ୍କା ଜରିମାନା




ଭୁବନେଶ୍ୱର: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (**RBI**)ଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କେୱାଇସି (**KYC**) ସମ୍ବନ୍ଧୀୟ ନିର୍ଦ୍ଦେଶନାମା ପାଳନ କରିବାରେ ବିଫଳ ହୋଇଥିବା, ଅଦାବି ଜମାରାଶିକୁ **Depositor Education and Awareness** (**DEA**) **Fund** କୁ ସ୍ଥାନାନ୍ତର କରିନଥିବା ଏବଂ ଜମାକାରୀଙ୍କ ବିପଦ (**Risk**) ବର୍ଗୀକରଣ ସଠିକ ଭାବେ କରିନଥିବା କାରଣରୁ **RBI** ଉକ୍ତ ବ୍ୟାଙ୍କ ଉପରେ ୮ ଲକ୍ଷ ଟଙ୍କା ଜରିମାନା ଲାଗୁ କରିଛନ୍ତି ।

ଏହି ଘଟଣା ସମବାୟ ବ୍ୟାଙ୍କିଂ ବ୍ୟବସ୍ଥାରେ ନିୟାମକୀୟ ଅନୁପାଳନ (**Regulatory Compliance**) ଓ ଉତ୍ତରଦାୟିତ୍ୱକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି ।



प्रेस प्रकाशनी PRESS RELEASE

भारतीय रिज़र्व बैंक
RESERVE BANK OF INDIA

वेबसाइट : www.rbi.org.in/hindi
Website : www.rbi.org.in
ई-मेल/email : helpdoc@rbi.org.in

संचार विभाग, केंद्रीय कार्यालय, शहीद भगत सिंह मार्ग, फोर्ट, मुंबई - 400 001
Department of Communication, Central Office, Shahid Bhagat Singh Marg, Fort, Mumbai - 400 001 फोन/Phone: 022 - 2266 0502

July 13, 2026

**RBI imposes monetary penalty on The Sambalpur District Co-operative Central Bank Limited, Odisha**

The Reserve Bank of India (RBI) has, by an order dated July 02, 2026, imposed a monetary penalty of ₹8 lakh (Rupees Eight Lakh only) on The Sambalpur District Co-operative Central Bank Limited, Odisha (the bank) for contravention of the provisions of Section 26A read with Section 56 of the Banking Regulation Act, 1949 (BR Act) and non-compliance with certain directions issued by RBI on 'Know Your Customer (KYC)'. This penalty has been imposed in exercise of powers conferred on RBI under the provisions of Section 47A(1)(c) read with Sections 46(4)(i) and 56 of the BR Act.

The statutory inspection of the bank was conducted by National Bank for Agriculture and Rural Development (NABARD) with reference to its financial position as on March 31, 2025. Based on supervisory findings of contravention of statutory provisions / non-compliance with RBI directions and related correspondence in that regard, a notice was issued to the bank advising it to show cause as to why penalty should not be imposed on it for its failure to comply with the said provisions and directions. After considering the bank's reply to the notice and oral submissions made during the personal hearing, RBI found, *inter alia*, that the following charges against the bank were sustained, warranting imposition of monetary penalty:

The bank had failed to:

i. transfer eligible unclaimed amounts to the Depositor Education and Awareness Fund within the prescribed period; and

ii. put in place a system of periodic review of risk categorisation of customers.

This action is based on deficiencies in statutory and regulatory compliance and is not intended to pronounce upon the validity of any transaction or agreement entered into by the bank with its customers. Further, imposition of this monetary penalty is without prejudice to any other action that may be initiated by RBI against the bank.

**Press Release: 2026-2027/656**

(Brij Raj)
Chief General Manager

ଉଲ୍ଲେଖନୀୟ ଯେ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଜଣେ ଜ୍ୟେଷ୍ଠ ଅଧିକାରୀ ବର୍ତ୍ତମାନ ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ (**CEO**) ଭାବେ କାର୍ଯ୍ୟରତ ଅଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି ଯେ, ଯଦି ପ୍ରଶାସନିକ ଅବହେଳା କିମ୍ବା ନିୟମ ଉଲ୍ଲଂଘନ ପାଇଁ ଏହି ଜରିମାନା ହୋଇଥାଏ, ତେବେ ଏହା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ କି? ଏବଂ ସରକାରୀ ଧନର ପରିବର୍ତ୍ତେ ଦାୟୀ ଅଧିକାରୀଙ୍କ ଠାରୁ ଏହି ଜରିମାନା ରାଶି ଆଦାୟ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷ ବିଚାର କରିବେ କି? ସମବାୟ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନିୟାମକୀୟ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ତଦନ୍ତ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଉଠିଛି ।

## ଜାତୀୟ ସଂଗୀତ ଓ ଜାତୀୟ ଗୀତ ଗାନ ପାଇଁ ମାର୍ଗଦର୍ଶିକା ଜାରିକଲା କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ

ନୂଆଦିଲ୍ଲୀ:କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ (**MHA**) ଏକ ନୂତନ ସର୍କୁଲାର ଜାରି କରି ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗକୁ ଜାତୀୟ ସଂଗୀତ ଓ ଜାତୀୟ ଗୀତ ଗାନ ଉପରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି କ୍ଷ୯ ଜୁଲାଇରେ ଜାରି ଆଦେଶରେ କୁହାଯାଇଛି ଯେ ଜାତୀୟ ସଂଗୀତ ନାଗରିକ ସମ୍ମାନ ସମାରୋହ ଅବସରରେ, ରାଷ୍ଟ୍ରପତିଙ୍କ ଔପଚାରିକ ସରକାରୀ କାର୍ଯ୍ୟକ୍ରମ ଓ ସରକାରଙ୍କ ଦ୍ୱାରା ଆୟୋଜିତ ଅନ୍ୟ କାର୍ଯ୍ୟକ୍ରମକୁ ତାଙ୍କ ଆସିବା ଓ ଯିବା ସମୟରେ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅଲଇଣ୍ଡିଆ ରେଡିଓ (ଏଆଇଆର) ଏବଂ ଟେଲିଭିଜନରେ ଦେଶକୁ ସମ୍ବୋଧିତ କରିବର ଠିକ ପୂର୍ବରୁ ଓ ପରେ ଗାନ କରାଯିବ । ଏମଏଚଏ କହିଛନ୍ତି ଯେ ଯେତେବେଳେ ଜାତୀୟ ସଂଗୀତ ଓ ଜାତୀୟ ଗୀତ ଉଭୟ ଗାନ କରାଯିବ (ଜାତୀୟ ସଂଗୀତ ଜନଗଣ ମନ ଓ ଜାତୀୟ ଗୀତ ବନ୍ଦେ ମା ତରମ୍)ସେତେବେଳେ ପ୍ରଥମେ ଜାତୀୟ ଗୀତ ବାଦନ ଅଥବା ଗାୟନ କରାଯିବ । ତା ପରେ ଜାତୀୟ ସଂଗୀତ ଗାନ ଅଥବା ବାଦନ କରାଯିବ । ମନ୍ତ୍ରାଳୟ କହିଛନ୍ତି ଯେ ଯେଉଁ ରାଜ୍ୟମାନଙ୍କରେ ରାଜ୍ୟ ଗୀତ ଗାନ କରାଯାଉଛି ସେଠାରେ ରାଜ୍ୟ ଗୀତକୁ ମଧ୍ୟ ଜାତୀୟ ସଂଗୀତ ଓ ଜାତୀୟ ଗୀତ ସହିତ ବାଦନ ଓ ଗାୟନ କରାଯାଇ ପାରିବ । ତେବେ ଯେତେବେଳେ ରାଜ୍ୟ ଗୀତକୁ ଜାତୀୟ ସଂଗୀତ ଓ ଜାତୀୟ ଗୀତ ସହିତ ଗାନ ଓ ବାଦନ କରାଯିବ ସେତେବେଳେ ଜାତୀୟ ସଂଗୀତ ଓ ଜାତୀୟ ଗୀତ ଏକ ସଙ୍ଗରେ ଗାନ ଓ ବାଦନ କରାଯିବ । ତେବେ ସର୍ବ ପ୍ରଥମେ ଜାତୀୟଗୀତ ଓ ତା ପରେ ଜାତୀୟ ସଂଗୀତ ଗାନ କରାଯିବ । ମନ୍ତ୍ରାଳୟ ପକ୍ଷରୁ ଏହା ବି ସ୍ପଷ୍ଟ କରାଯାଇଛି ଯେ ଜାତୀୟ ସଂଗୀତ ଓ ଜାତୀୟ ଗୀତକୁ ଗାନ ଓ ବାଦନ ସମୟରେ ଗୀତର ସଠିକ ଶବ୍ଦ, ଲେଖା, ଉଚ୍ଚାରଣ ଓ ଗାଇବାର ଉପାୟ କଡ଼ା କଡ଼ି ପାଳନ ହେବା ଦରକାର । ଜାତୀୟ ସଂଗୀତ ଓ ଜାତୀୟ ଗୀତର ସଠିକ ଶବ୍ଦ ଓ ଉଚ୍ଚାରଣ ମନ୍ତ୍ରାଳୟ ୱେବସାଇଟ୍ ରେ ରହିଛି ।ଏହି ସ୍ପଷ୍ଟୀକରଣ ପରେ ନିଜ ଅଧୀନସ୍ଥ ସମସ୍ତ ସଂସ୍ଥାକୁ ତୁରନ୍ତ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି ।

## ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ

# କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ, ସ୍କାନର୍‌ରେ ୪ ସଂସ୍ଥା, କମିଟି ସଦସ୍ୟ

ଭୁବନେଶ୍ୱର/କଟକ: ପାଠ୍ୟପୁସ୍ତକ ତ୍ରୁଟିର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ହାତକୁ ଯିବା ପରେ ବଡ଼ବଡ଼ିଆ ବାବୁଙ୍କ ମଧ୍ୟରେ ଏବେ ଛନକା ପଶିଛି । ଏହି ଷଡ଼ଯନ୍ତ୍ରରେ କେବଳ ମନୋଜ କୁମାର ପାଢ଼ୀ ସାମିଲ ଅଛନ୍ତି ନା ଅନ୍ୟମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ସୋମବାରଠାରୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖୋଳତାଡ଼ କରିବ । ସମଗ୍ର ଘଟଣାର ତଦନ୍ତ ପାଇଁ ୫ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି । ଯେଉଁଥିରେ କ୍ରାଇମ୍‌ବ୍ରାଞ୍ଚର ଜଣେ ଏସ୍‌ପିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି ପାହ୍ୟା ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାବେଳେ ସହଯୋଗ କରିବାକୁ ଆଉ ତିନି ଜଣ ଅଫିସରଙ୍କୁ ସାମିଲ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିସନର୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ତଦନ୍ତ କମିଟିର ରିପୋର୍ଟ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯିବା ପରେ ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ଇତିମଧ୍ୟରେ ତ୍ରୁଟି ପଛରେ ଯେଉଁମାନେ ରହିଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ ହେଉଛି । କେବଳ ସେତିକି ନୁହେଁ, ୨୦୨୬-୨୭ ଶିକ୍ଷାବର୍ଷରେ ମାଗଣା ପାଠ୍ୟପୁସ୍ତକ ପ୍ରସ୍ତୁତିରେ ୩୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବାରୁ ତାହାର ତଦନ୍ତ କରାଯିବ । କେଉଁ ବାବଦରେ କେଉଁ ସଂସ୍ଥାକୁ କେତେ ଟଙ୍କା ଦିଆଯାଇଛି ତାହାର ଟିକିନିଖି ଖୋଳତାଡ଼ ହେବ । ଡିଟିପି ଓ ଡିଜାଇନ୍ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାର ଦସ୍ତାବିଜ ଯାଞ୍ଚ କରାଯିବ । ଗଣଶିକ୍ଷା ବିଭାଗ ଅଧୀନରେ ଡିଟିପି ଓ ଡିଜାଇନ୍ ପାଇଁ ଏକ ସଂସ୍ଥା ରହିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ସଂସ୍ଥାକୁ କାହିଁକି ଦାୟିତ୍ୱ ଦିଆଯାଗଲା ତାହା ବି ତଦନ୍ତ ପରିସରକୁ ଆସିପାରେ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରକୁ ଆସିପାରେ । ତଥ୍ୟ ଅନୁଯାୟୀ ସମସ୍ତ ଆର୍ଥିକ କାରବାର ଓସେପା ମାଧ୍ୟମରେ ହିଁ ହୋଇଥାଏ । ମାଗଣା ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ବଣ୍ଟନ ବାବଦରେ କେନ୍ଦ୍ର-ରାଜ୍ୟ ଭାଗ ୬୦-୪୦ ରହିଛି । ତେଣୁ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଆଉଟ୍‌ସୋର୍ସିଂ ସଂସ୍ଥାକୁ କେତେ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ତାହାର ମଧ୍ୟ ତଦନ୍ତ ହେବ । ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ଗଠିତ ରାଜ୍ୟ ଷ୍ଟିୟରିଂ କମିଟି, କୋର୍ କମିଟି, ସମ୍ପାଦନା ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ସଂଯୋଜକମାନେ ବି ଜେରାର ସମ୍ମୁଖୀନ ହୋଇପାରନ୍ତି । ତେବେ ଫୋକସ୍‌ରେ ରହିବ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆରଟି), ଯେଉଁଠି ପାଠ୍ୟପୁସ୍ତକର ସମସ୍ତ ପ୍ରସ୍ତୁତି ହୋଇଥିଲା । କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ବିଜେଡି ନାପସନ୍ଦ କରିଛି । ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ କରିବ ନା ପ୍ରମାଣ ନଷ୍ଟ କରିବ । ଗଣଶିକ୍ଷା ବିଭାଗରେ ଦୁର୍ନୀତି ହୋଇଛି । ତାହାର ତଦନ୍ତ ରାଜ୍ୟ ସରକାରଙ୍କ ଆଉ ଗୋଟିଏ ବିଭାଗ କରିବ । ଏହି ତଦନ୍ତ ଠିକ୍ ଭାବେ ହେବ ନାହିଁ । କାରଣ ପୁସ୍ତକ ଦୁର୍ନୀତିର ଚେର ସାରା ଦେଶରେ ବ୍ୟାପିଛି । କ୍ରାଇମ୍‌ବ୍ରାଞ୍ଚର ସେତିକି କ୍ଷମତା ନାହିଁ ବାହାର ରାଜ୍ୟକୁ ଯାଇ ତଦନ୍ତ କରିବ । ତେଣୁ ଏହାର ସିବିଆଇ ତଦନ୍ତ ହେଉ ।

## ନୂତନ କୃଷି ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନ ପାଇଁ କ୍ୟାବିନେଟ୍‌ରେ ଅନୁମୋଦନ

ଭୁବନେଶ୍ୱର: ରାଜ୍ୟ କ୍ୟାବିନେଟ୍ କୃଷି ବିପଣନ କ୍ଷେତ୍ରରେ ଐତିହାସିକ ସଂସ୍କାର କରିଛନ୍ତି । ଓଡ଼ିଶା କୃଷି ବିପଣନ ଆଇନ (ଓଏପିଏମ), ୧୯୫୬କୁ ସମ୍ପୂର୍ଣ ରଦ୍ଦ କରି ଏକ ନୂତନ କୃଷି ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନ କରିବାକୁ ସମବାୟ ବିଭାଗର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛ କରିଛନ୍ତି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ନିଷ୍ପରି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୧୦ ଛନ୍ତି ଯେ, ୧୯୫୭ମସିହାରୁ ଲାଗୁ ହୋଇଥିବା ପୁରୁଣା ଆଇନ ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବା ପା ପାଇଁ ପ୍ରଣୟନ କରାଯାଇଥିଲା ସତ, କିନ୍ତୁ ବର୍ତ୍ତମାନର ଆଧୁନିକ ବଜାର ପରିବେଶରେ ଅପ୍ରାସଙ୍ଗିକ ହୋଇପଡ଼ିଛି । ଏହି ଆଇନ ଯୋଗୁଁ ବଜାର ପ୍ରତିଯୋଗିତା କମିଥିଲା, ବେସରକାରୀ ପୁଞ୍ଜିନିବେଶ ବାଧାପ୍ରାପ୍ତ ହୋଇଥିଲା ଏବଂ ଚାଷୀ ଓ ଗ୍ରାହକ ମଧ୍ୟରେ ମୂଲ୍ୟର ବହୁତ ବ୍ୟବଧାନ ଦେଖାଯାଉଥିଲା । ଏହି ସମସ୍ୟା ଗୁଡ଼ିର ସମାଧାନ ପାଇଁ କ୍ୟାବିନେଟ୍ ନୂତନ ଆଇନ ପ୍ରଣୟନର ନିଷ୍ପତ୍ତି ନେଇଛନ୍ତି ।

ନୂତନ ଆଇନ ଅନୁଯାୟୀ ରାଜ୍ୟର ସମଗ୍ର କୃଷିଜାତ ଦ୍ରବ୍ୟ ଏବଂ ପଶୁ ସମ୍ପଦ କ୍ରୟ-ବିକ୍ରୟ ଉପରୁ ଭୌଗୋଳିକ କଟକଣା ହଟାଇ ସମଗ୍ର ରାଜ୍ୟକୁ ଏକକ ସମନ୍ୱିତ ବଜାର ଭାବେ ଗଠନ କରାଯିବ । ଏହା ଚାଷୀଙ୍କୁ ଯେକୌଣସି ସ୍ଥାନରୁ ଉତ୍ପାଦ ବିକ୍ରୟ କରିବାର ସ୍ୱାଧୀନତା ଦେବ । ମୃତ୍ୟୁ ବିପ ବିପଣନ ଇ-ଟ୍ରେଡିଂ, ପ୍ରତ୍ୟା ଇଲେକ୍‌ଟ୍ରୋନିକ୍ ନିଲାମକୁ ପ୍ରୋତ୍ସାହନ ଦିଆଯିବ । । ଏକକ ଲାଇସେନ୍ସ ଏବଂ ଏକକ ସ୍ଥ ସ୍ଥାନରେ ବଜାର ଶୁଳ୍କ ଆଦାୟ ଆ ବ୍ୟବସ୍ଥା ପ୍ରଚଳନ କରାଯିବ, ଯାହା କାରବାର ଖର୍ଚ୍ଚ ବହୁତ କମାଇବ । ବେସରକାରୀ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ । ଆନ୍ତଃ-ରାଜ୍ୟ ବାଣିଜ୍ୟ, ପ୍ରକ୍ରିୟାକରଣ ରପ୍ତାନିକାରୀ ଏବଂ ବଡ଼ କ୍ରେତାମାନଙ୍କୁ ସହଜରେ ପ୍ରବେଶ ଦିଆଯିବ । ଗୋଦାମ, ଶୀତଳ ଭଣ୍ଡାର ଏବଂ ସାଇଲୋଗୁଡ଼ିକୁ 'ମାର୍କେଟ ସବ୍-ୟାର୍ଡ' ଭାବେ ମାନ୍ୟତା ଦିଆଯିବ, ଯାହା ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବ । କୃଷକ ଉତ୍ପାଦକ ସଂଗଠନ (ଏଫପିଓ), ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମାଧ୍ୟମରେ କ୍ଷୁଦ୍ର ଚାଷୀଙ୍କୁ ଏକତ୍ରିତ କରି ଶକ୍ତିଶାଳୀ କରାଯିବ । ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ଆଣି ନିୟାମକ ଏବଂ ବିକାଶମୂଳକ କାର୍ଯ୍ୟର ପୃଥକୀକରଣ କରାଯିବ । ଭାରତ ସରକାରଙ୍କ 'ମଡେଲ ଆକ୍ଟ ୨୦୧୭' ଅନୁସାରେ ଗଣତାନ୍ତ୍ରିକ ପରିଚାଳନା ଏବଂ ମହିଳାଙ୍କ ଅଧିକ ଅଂଶଗ୍ରହଣ ନିଶ୍ଚିତ କରାଯିବ । ଏହି ନୂତନ ଆଇନ ଚାଷୀଙ୍କୁ ଉତ୍ପାଦ ବିକ୍ରୟ ଅଧିକ ସ୍ୱାଧୀନତା ଦେବ । ମଧ୍ୟସ୍ଥିଙ୍କ ସଂଖ୍ୟା କମିବା ସହ ଉଚିତ ମୂଲ୍ୟ ମିଳିବ । ପ୍ରତିଯୋଗିତା ବଢ଼ିବା ଫଳରେ ବଜାରର ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇବ । ଆଧୁନିକ ଭିତ୍ତିଭୂମି ବିକାଶ, ବେସରକାରୀ ପୁଞ୍ଜି ଓ ନୂତନ ଜ୍ଞାନକୌଶଳର ପ୍ରୟୋଗ ବଢ଼ିବ । ଫଳସ୍ୱରୂପ ଚାଷୀଙ୍କ ଆୟ ବୃଦ୍ଧି ପାଇ ଗ୍ରାମୀଣ ଅର୍ଥନୀତି ମଜବୁତ ହେବ ।







## ସାରସ୍ୱତ, କସମସ୍ ଏବଂ ଟିଜେଏସ୍‌ବି ବ୍ୟାଙ୍କ ଆଇବିଏ ସିଆଇଏସ୍‌ଓ ସମ୍ମିଳନୀରେ ଉଜ୍ଜ୍ୱଳ ପ୍ରଦର୍ଶନ

# ସାଇବର ସୁରକ୍ଷା କ୍ଷେତ୍ରରେ ସମବାୟ ବ୍ୟାଙ୍କଗୁଡ଼ିକର ଉଲ୍ଲେଖନୀୟ ସଫଳତା

ଭାରତୀୟ ବ୍ୟାଙ୍କିଙ୍ଗ୍ ସଂଘ (ଆଇବିଏ) ଆୟୋଜିତ ୫ମ ଆଇବିଏ ସିଆଇଏସ୍‌ଓ ସମ୍ମିଳନୀ ଏବଂ ସାଇଟେସନ୍ ୨୦୨୬ ରେ ସମବାୟ ବ୍ୟାଙ୍କଗୁଡ଼ିକ ଏକ ଶକ୍ତିଶାଳୀ ଛାପ ଛାଡ଼ିଛନ୍ତି। ସାରସ୍ୱତ ସମବାୟ ବ୍ୟାଙ୍କ, କସମସ୍ ସମବାୟ ବ୍ୟାଙ୍କ ଏବଂ ଟିଜେଏସ୍‌ବି ସମବାୟ ବ୍ୟାଙ୍କ ଲିମିଟେଡ୍ ସାଇବର ସୁରକ୍ଷା କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ବଡ଼ ପୁରସ୍କାର ଜିତିଛନ୍ତି। ସାରସ୍ୱତ ସମବାୟ ବ୍ୟାଙ୍କ ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦୁଇଟି ପ୍ରତିଷ୍ଠିତ ପୁରସ୍କାର ଜିତି ସମଗ୍ର ସମ୍ମିଳନୀରେ ଆଲୋକିତ ହୋଇଛି। ଏହି ପୁରସ୍କାର ହେଉଛି ସାଇବର ସୁରକ୍ଷା ଟିମ୍ ଅଫ୍ ଦି ଇୟର୍ ଏବଂ ଆଇଡେଣ୍ଟିଟି ଏଣ୍ଡ୍ ଆକ୍ସେସ୍ ମ୍ୟାନେଜମେଣ୍ଟ୍ ଅଫ୍ ଦି ଇୟର୍। ଏହି ଦୁଇଟି ସମ୍ମାନ ବ୍ୟାଙ୍କର ସାଇବର ସୁରକ୍ଷା କ୍ଷେତ୍ରରେ ଅବିରତ ପ୍ରତିବଦ୍ଧତା, ଗ୍ରାହକ ବିଶ୍ୱାସ ସୁରକ୍ଷା ଏବଂ ଉନ୍ନତତମ ସୁରକ୍ଷା ପ୍ରଥା ପ୍ରୟୋଗକୁ ସ୍ୱୀକୃତି ଦେଇଛି। କସମସ୍ ସମବାୟ ବ୍ୟାଙ୍କ ସାଇବର ରେଜିଲିଏନ୍ସ ଅଫ୍ ଦି ଇୟର୍ ବର୍ଗରେ ବିଜୟୀ ହୋଇଛି। ଏହା ବ୍ୟାଙ୍କର ମଜବୁତ୍ ସାଇବର ପ୍ରତିରକ୍ଷା ଢଙ୍ଗ ଏବଂ ଉନ୍ନତ ଡିଜିଟାଲ୍ ବିପଦର ମୁକାବିଲା ପାଇଁ ପ୍ରସ୍ତୁତିକୁ ପ୍ରତିଫଳିତ କରୁଛି। ଜୁଲାଇ ୧୦ ତାରିଖରେ ମୁମ୍ବାଇରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଦାନ କରାଯାଇଥିବା ଏହି ପୁରସ୍କାରଗୁଡ଼ିକ ଭାରତୀୟ ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ବିଶ୍ୱାସ କ୍ଷେତ୍ରରେ କ୍ରମବର୍ଦ୍ଧମାନ ନେତୃତ୍ୱକୁ ପ୍ରତିପାଦିତ କରୁଛି। କ୍ରମଶଃ ଜଟିଳ ହେଉଥିବା ସାଇବର ବିପଦର ପରିବେଶରେ ଏହି ବ୍ୟାଙ୍କଗୁଡ଼ିକର ଉତ୍କୃଷ୍ଟ ପ୍ରଦର୍ଶନ ସମଗ୍ର ସମବାୟ କ୍ଷେତ୍ର ପାଇଁ ଉଦାହରଣ ସ୍ୱରୂପ। ଟିଜେଏସ୍‌ବି ସମବାୟ ବ୍ୟାଙ୍କ ଲିମିଟେଡ୍ ସେହି ବର୍ଗରେ ରନର୍ ଅପ୍ ହୋଇଛି। ଏହି ପୁରସ୍କାର ବ୍ୟାଙ୍କର ଚିଫ୍ ଇନଫର୍ମେସନ୍ ସୁରକ୍ଷା ଅଧିକାରୀ (ସିଆଇଏସ୍‌ଓ) ଦେବିଦାସ ଘୋଲାପ୍ ଙ୍କ ଦ୍ୱାରା ଗ୍ରହଣ କରାଯାଇଛି। ଏହି ସଫଳତା ସମବାୟ ବ୍ୟାଙ୍କଗୁଡ଼ିକର ଡିଜିଟାଲ୍ ସୁରକ୍ଷା ଏବଂ ପ୍ରଯୁକ୍ତି କ୍ଷେତ୍ରରେ କ୍ରମବର୍ଦ୍ଧମାନ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ଏବଂ ଗ୍ରାହକଙ୍କ ବିଶ୍ୱାସ ବଢ଼ାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଆରବିଆଇ ନିର୍ଦ୍ଦେଶାବଳୀରେ ଅର୍ଡିନାନ୍ସ ସମ୍ମିଳିତ ହେବ ସମବାୟ ସମିତି

# ଗୋଆ ସରକାରଙ୍କ ବଡ ପଦକ୍ଷେପ: ସମବାୟ ସମିତିର ଶାସନ ଏବଂ ନିୟାମକ ପରିବର୍ତ୍ତନ

ସମବାୟ କ୍ଷେତ୍ରରେ ଶାସନ ଏବଂ ନିୟାମକ ତଦାରଖକୁ ଆହୁରି ମଜବୁତ୍ କରିବା ପାଇଁ ଗୋଆ ସରକାର ଏକ ବୃହତ୍ ପଦକ୍ଷେପ ନେଇଛନ୍ତି। ସରକାର ଗୋଆ ସମବାୟ ସମିତି (ସଂଶୋଧନ) ଅର୍ଡିନାନ୍ସ, ୨୦୨୬ ପ୍ରଚଳନ କରିଛନ୍ତି। ଏହି ଅର୍ଡିନାନ୍ସ ସମବାୟ ବ୍ୟାଙ୍କ, କ୍ରେଡିଟ୍ ସମିତି ଏବଂ ହାଉସିଙ୍ଗ୍ ସମବାୟ ସମିତିଗୁଡ଼ିକ ପାଇଁ ବ୍ୟାପକ ସୁଧାର ଆଣିଛି। ଗୋଆ ବିଧାନସଭା ଅଧିବେଶନ ନଥିବାରୁ ଏହା ତୁରନ୍ତ କାର୍ଯ୍ୟକାରୀ ହୋଇଛି।

### ସମବାୟ ବ୍ୟାଙ୍କ ପାଇଁ ମୁଖ୍ୟ ସୁଧାର:

ଗୋଆର ସମବାୟ ସମିତି ଆଇନ୍ କୁ ଆରବିଆଇର ନିୟାମକ ଢାଞ୍ଚା ସହ ସମନ୍ୱୟ କରାଯାଇଛି। ସମବାୟ ବ୍ୟାଙ୍କରେ ସଭ୍ୟଙ୍କ ଅଂଶଧନ ସୀମା ଏବେ ଆରବିଆଇର ସମୟ ସମୟରେ ଜାରି ହେଉଥିବା ନିର୍ଦ୍ଦେଶ ଅନୁଯାୟୀ ନିୟନ୍ତ୍ରିତ ହେବ। ପୂର୍ବର ସ୍ଥିର ଆଇନଗତ ବ୍ୟବସ୍ଥା ପରିବର୍ତ୍ତେ ଗତିଶୀଳ ନିୟାମକ ନିୟମ ଲାଗୁ ହେବ।

### ଅଡିଟ୍ ବ୍ୟବସ୍ଥାରେ କଠୋରତା:

ସ୍ଥାୟୀ ଅଡିଟର୍ ନିଯୁକ୍ତି ପାଇଁ ଆରବିଆଇର ପୂର୍ବ ଅନୁମତି ବାଧ୍ୟତାମୂଳକ କରାଯାଇଛି। ଏକା ଅଡିଟର୍ ର କାର୍ଯ୍ୟକାଳକୁ ଦୁଇ ଲଗାତାର ବର୍ଷ ପର୍ଯ୍ୟନ୍ତ ସୀମିତ କରାଯାଇଛି, ଯାହା ଅଡିଟ୍ ସ୍ୱାଧୀନତା ଏବଂ ଗୁଣବତ୍ତା ବୃଦ୍ଧି କରିବ।

### କ୍ରେଡିଟ୍ ସମିତି ଉପରେ କଡ଼ା ନଜର:

ପ୍ରତି ସମବାୟ କ୍ରେଡିଟ୍ ସମିତି ଏବଂ କ୍ରେଡିଟ୍ ବ୍ୟବସାୟରେ ନିୟୋଜିତ ଅନ୍ୟ ସମିତିଗୁଡ଼ିକର ହିସାବ ପୁସ୍ତକର ବାର୍ଷିକ ପରିଦର୍ଶନ ବାଧ୍ୟତାମୂଳକ ହୋଇଛି। ରେଜିଷ୍ଟ୍ରାରଙ୍କୁ ଆବଶ୍ୟକତା ଅନୁସାରେ ଏହି ସମିତିଗୁଡ଼ିକର କାର୍ଯ୍ୟକଳାପ ଏବଂ ହିସାବ ଯାଞ୍ଚ କରିବାର ଅଧିକାର ଦିଆଯାଇଛି। ଏହା ଆର୍ଥିକ ଅନିୟମିତତା ଚିହ୍ନଟ କରିବାରେ ସହାୟକ ହେବ।

### ଶାସନ ମାନଦଣ୍ଡରେ ଉନ୍ନତି:

- ପ୍ରତି ନିର୍ଦ୍ଦେଶକଙ୍କୁ କାର୍ଯ୍ୟଭାର ଗ୍ରହଣ ପରେ ୧୫ ଦିନ ମଧ୍ୟରେ ସ୍ୱ-ଘୋଷଣା ଏବଂ ପ୍ରତିଶ୍ରୁତି ପତ୍ର ଦାଖଲ କରିବାକୁ ପଡ଼ିବ, ନହେଲେ ପଦ ସ୍ୱତଃ ଖାଲି ହୋଇଯିବ।
- ନିର୍ଦ୍ଦେଶକମାନେ ପ୍ରତିବର୍ଷ ସମ୍ପତ୍ତି, ଋଣ ଏବଂ ଆର୍ଥିକ ଲେନଦେନର ଘୋଷଣା କରିବେ।
- ନୂତନ ନିର୍ବାଚିତ ନିର୍ଦ୍ଦେଶକମାନେ ଛ' ମାସ ମଧ୍ୟରେ ଏକ ସପ୍ତାହର ସମବାୟ ପରିଚାଳନା ତାଲିମ୍ ସମାପ୍ତ କରିବେ।

### ଦାୟିତ୍ୱ ବୃଦ୍ଧି:

- ଗମ୍ଭୀର ଆଇନଗତ ଉଲ୍ଲଙ୍ଘନ କ୍ଷେତ୍ରରେ ରେଜିଷ୍ଟ୍ରାରଙ୍କୁ ସମଗ୍ର ବୋର୍ଡକୁ ଛ' ବର୍ଷ ପର୍ଯ୍ୟନ୍ତ ଅଯୋଗ୍ୟ ଘୋଷଣା କରିବାର ଅଧିକାର ଦିଆଯାଇଛି। ଏଥିରେ ବାର୍ଷିକ ସାଧାରଣ ସଭା ନକରିବା, ଅଡିଟେଡ୍ ହିସାବ ଉପସ୍ଥାପନ ନକରିବା, ବାଧ୍ୟତାମୂଳକ ଇଲେକ୍‌ଟ୍ରୋନିକ୍ ରିଟର୍ଣ୍ଣ ଦାଖଲ ନକରିବା ଏବଂ ଅଯୋଗ୍ୟ ନିର୍ଦ୍ଦେଶକଙ୍କୁ ଅପସାରିତ ନକରିବା ଭଳି ଅପରାଧ ଅନ୍ତର୍ଭୁକ୍ତ।
- ଅଡିଟରମାନେ ଦୁର୍ନୀତି କିମ୍ବା ଅପବ୍ୟବହାରର ଘଟଣା ସିଧାସଳଖ ରେଜିଷ୍ଟ୍ରାରଙ୍କୁ ରିପୋର୍ଟ କରିବେ। ନିର୍ଦ୍ଦିଷ୍ଟ ଅଧିକାରୀମାନେ ରେଜିଷ୍ଟ୍ରାରଙ୍କ ଅନୁମତି ନେଇ ଏଫ୍‌ଆଇଆର୍ ରୁଜୁ କରାଇପାରିବେ।

### ଅନ୍ୟାନ୍ୟ ପ୍ରମୁଖ ସୁଧାର:

- ବାର୍ଷିକ ରିଟର୍ଣ୍ଣ ଇଲେକ୍‌ଟ୍ରୋନିକ୍ ଭାବେ ଦାଖଲ କରିବା ବାଧ୍ୟତାମୂଳକ।
- ନିଯୁକ୍ତି ବ୍ୟବସ୍ଥାକୁ ମଜବୁତ୍ କରାଯାଇଛି।
- ହାଉସିଙ୍ଗ୍ ସମବାୟ ସମିତିଗୁଡ଼ିକ ପାଇଁ ପୁନଃବିକାଶ, ଡିମଡି କନଭେୟାନ୍ସ ଏବଂ ଅଭିଯୋଗ ନିଷ୍ପତ୍ତି ପାଇଁ ପ୍ରସ୍ତାବିତ ସାହାରା ପ୍ରାଧିକରଣ ମାଧ୍ୟମରେ ପରିବର୍ତ୍ତନ ଆଣାଯାଇଛି।
- ଏହି ଅର୍ଡିନାନ୍ସ ଗୋଆର ସମବାୟ କ୍ଷେତ୍ରକୁ ଅଧିକ ସ୍ୱଚ୍ଛ, ଜବାବଦେହୀ ଏବଂ ନିୟାମକ ମାନଦଣ୍ଡ ଅନୁସାରୀ କରିବାସହ ସମଗ୍ର ଦେଶ ପାଇଁ ଉଦାହରଣ ହେବ ବୋଲି ଆଶା କରାଯାଉଛି।

# ରାଜ୍ୟ ସମବାୟ ବ୍ୟାଙ୍କ ଓ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ବୀମା ବ୍ୟବସାୟ ବଣ୍ଟନ ନିୟମ କୋହଳ କଲା କେନ୍ଦ୍ର ସମବାୟ ମନ୍ତ୍ରାଳୟ

## ୨ ଟି ରାଜ୍ୟ ସମବାୟ ବ୍ୟାଙ୍କ ଓ ୧୦୬ ଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗ୍ରାହକଙ୍କୁ ବୀମା ଉତ୍ପାଦ ପ୍ରଦାନ କରିପାରିବେ




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗ୍ରାମୀଣ ସମବାୟ ବ୍ୟାଙ୍କ (ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କ) ଗୁଡିକ ପାଇଁ ବୀମା ଉତ୍ପାଦ ବଣ୍ଟନ ନିୟମକୁ କୋହଳକରି ପୂର୍ବରୁ ଥିବା ଅନ୍ୟୁନ ୫୦ କୋଟି ଟଙ୍କାର ନେଟ୍‌ୱର୍ଥ ଆବଶ୍ୟକତା କୁ ହଟାଇ ଦେଇଛି। ଏହି ନିଷ୍ପତ୍ତି ଗ୍ରାମୀଣ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆହୁରି ଗଭୀର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ଘୋଷଣା କରି କହିଛି ଯେ ଆରବିଆଇ ଏହି ପଦକ୍ଷେପ ନେଇ ଗ୍ରାମୀଣ ସମବାୟ ବ୍ୟାଙ୍କଗୁଡ଼ିକୁ ସହଜତା ପ୍ରଦାନ କରିଛି। ପୂର୍ବରୁ ଥିବା ନିୟମ ଅନୁଯାୟୀ ବୀମା ବଣ୍ଟନ କରିବା ପାଇଁ ବ୍ୟାଙ୍କର ନେଟ୍ ୱର୍ଥ କମ୍‌ସେକମ୍ ୫୦ କୋଟି ଟଙ୍କା ଥିବା ଆବଶ୍ୟକ ଥିଲା। ଏହି ସୀମା ଏବେ ହଟାଇ ଦିଆଯାଇଛି।

### କେତେ ବ୍ୟାଙ୍କ ଉପକୃତ ହେବେ ?

ଏହି ନୂତନ ନିର୍ଦ୍ଦେଶ ଫଳରେ ୨ଟି ରାଜ୍ୟ ସମବାୟ ବ୍ୟାଙ୍କ (**StCBs**) ଏବଂ ୧୦୬ଟି ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (**DCCBs**) ଏବେ ସେମାନଙ୍କ ଗ୍ରାହକଙ୍କୁ ବୀମା ଉତ୍ପାଦ ପ୍ରଦାନ କରିପାରିବେ। ଏହା ଗ୍ରାମାଞ୍ଚଳରେ ଲୋକଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବାରେ ବୃହତ୍ ଭୂମିକା ଗ୍ରହଣ କରିବ।

ଅନେକ ଛୋଟ କିନ୍ତୁ ଆର୍ଥିକ ଭାବେ ସ୍ଥିର ସମବାୟ ବ୍ୟାଙ୍କ ପୂର୍ବରୁ ଏହି ନିୟମ ହେତୁ ବୀମା ବ୍ୟବସାୟରେ ପ୍ରବେଶ କରିପାରୁନଥିଲେ। ଏହି ଶିଥିଳତା ସେମାନଙ୍କ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି କରିଛି।

### ସମବାୟ ମନ୍ତ୍ରଣାଳୟର ପ୍ରତିକ୍ରିୟା:

ସମବାୟ ମନ୍ତ୍ରଣାଳୟ ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପକୁ ସମବାୟ ବ୍ୟବସ୍ଥାକୁ ମଜବୁତ୍ କରିବା ଏବଂ ଗ୍ରାମାଞ୍ଚଳରେ ଆର୍ଥିକ ସେବାର ଶେଷ ମାଇଲ୍ ପହଞ୍ଚ ନିଶ୍ଚିତ କରିବା ଦିଗରେ ଆଉ ଏକ ମାଇଲ୍ ଖୁଣ୍ଟ ବୋଲି ବର୍ଣ୍ଣନା କରିଛି। ଆରବିଆଇଙ୍କ ସହଯୋଗରେ ଏହି ସୁଧାର କରାଯାଇଛି। ଏହି ନିଷ୍ପତ୍ତି ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ବୀମା ସୁରକ୍ଷା ପ୍ରଦାନ କରିବା ସହିତ ସମବାୟ ବ୍ୟାଙ୍କଗୁଡ଼ିକର ଆର୍ଥିକ କାର୍ଯ୍ୟକ୍ଷମତା ଏବଂ ସେବା ପରିସର ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from
MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com,
Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ